
ଦାଦା ଭଗବାନ ପ୍ରରୂପିତ

# ଯିଏ ଭୋଗେ ତା'ର ଭୁଲ



ଆମକୁ ଯାହା କିଛି ବି ଭୋଗିବାକୁ ପଡ଼େ, ତାହା ଆମର ହିଁ ଭୁଲର ପରିଣାମ ଅଟେ ।



Oriya

ଦାଦା ଭଗବାନ ପ୍ରରୂପିତ

# ଯିଏ ଭୋଗେ ତା'ର ଭୁଲ

ମୂଳ ଗୁଜରାଟୀ ସଙ୍କଳନ : ଡା. ନୀରୁବେନ ଅମୀନ

ଅନୁବାଦ : ମହାତ୍ମାଗଣ

ପ୍ରକାଶକ : ଶ୍ରୀ ଅଜିତ୍ ସି. ପଟେଲ
ଦାଦା ଭଗବାନ ଆରାଧନା ଟ୍ରଷ୍ଟ
୫, ମମତା ପାର୍କ ସୋସାଇଟୀ, ନବଗୁଜରାଟ
କଲେଜ ପଛ, ଉସ୍ମାନପୁରା,
ଅହମଦାବାଦ୍-୩୮୦୦୧୪, ଗୁଜରାଟ
ଫୋନ୍ : (୦୭୯) ୩୯୮୩୦୧୦୦

© All Rights reserved - Deepakbhai Desai
Trimandir, Simandhar City, Ahmedabad-Kalol Highway,
Adalaj, Dist- Gandhinagar-382421, Gujarat, India
*No part of this book may be used or reproduced in any manner whatsoever without written permission from the holder of the copyrights.*

ପ୍ରଥମ ସଂସ୍କରଣ : ବହି ସଂଖ୍ୟା ୧୦୦୦ ନଭେମ୍ବର ୨୦୧୮

ଭାବ ମୂଲ୍ୟ : 'ପରମ ବିନୟ' ଏବଂ
'ମୁଁ କିଛି ମଧ୍ୟ ଜାଣି ନାହିଁ', ଏହି ଭାବ !


ଦ୍ରବ୍ୟ ମୂଲ୍ୟ : ୧୫ ଟଙ୍କା

ମୁଦ୍ରକ : ଅମ୍ବା ଅଫ୍‌ସେଟ୍ ,
B-99, ଇଲେକ୍ଟ୍ରୋନିକ୍ସ G.I.D.C, K-6 ରୋଡ୍,
ସେକ୍ଟର-୨୫, ଗାନ୍ଧୀନଗର - ୩୮୨୦୪୪
ଫୋନ୍ : (୦୭୯) ୩୯୮୩୦୩୪୧/୪୨

# ତ୍ରିମନ୍ତ୍ର







ନମୋ ଅରିହଂତାଣଂ

ନମୋ ସିଦ୍ଧାଣଂ

ନମୋ ଆୟରିୟାଣଂ

ନମୋ ଉବଜ୍ଝାୟାଣଂ

ନମୋ ଲୋଏ ସବ୍ୱସାହୁଣଂ

ଏସୋ ପଞ୍ଚ ନମୁକ୍କାରୋ,

ସବ୍ୱ ପାବପ୍ପଣାସଣୋ

ମଙ୍ଗଲାଣଂ ଚ ସବ୍ୱେସିଂ,

ପଢମଂ ହବଇ ମଙ୍ଗଲମ୍ ।।୧।।

ଓଁ ନମୋ ଭଗବତେ ବାସୁଦେବାୟ ।।୨।।

ଓଁ ନମଃ ଶିବାୟ ।।୩।।

।। ଜୟ ସଚ୍ଚିଦାନନ୍ଦ ।।



# ‘ଦାଦା ଭଗବାନ’ କିଏ ?

ଜୁନ୍ ୧୯୫୮ର ଏକ ସନ୍ଧ୍ୟା, ସମୟ ପାଖାପାଖି ଛ’ଟା, ଭିଡ଼ରେ ଭରା ସୁରଟ ସହରର ରେଲୱେ ଷ୍ଟେସନ୍, ପ୍ଲାଟ୍‌ଫର୍ମ ନମ୍ବର ୩ର ବେଞ୍ଚ ଉପରେ ବସିଥିବା ଶ୍ରୀ ଅମ୍ବାଲାଲ୍ ମୁଳ୍‌ଜୀଭାଇ ପଟେଲ୍ ରୂପୀ ଦେହମନ୍ଦିରରେ ପ୍ରାକୃତିକ ରୀତିରେ, ଅକ୍ରମ ରୂପରେ, କେତେ ଜନ୍ମରୁ ବ୍ୟକ୍ତ ହେବାପାଇଁ ଆତୁର ‘ଦାଦା ଭଗବାନ’ ପୂର୍ଣ୍ଣ ରୂପରେ ପ୍ରକଟ ହେଲେ । ଏବଂ ପ୍ରକୃତି ସର୍ଜିତ କଲା ଅଧ୍ୟାତ୍ମର ଅଦ୍ଭୁତ ଆଶ୍ଚର୍ଯ୍ୟ । ଏକ ଘଣ୍ଟାରେ ତାଙ୍କୁ ବିଶ୍ୱ ଦର୍ଶନ ହେଲା । ‘ମୁଁ କିଏ ? ଭଗବାନ କିଏ ? ଜଗତ କିଏ ଚଲାଉଛି ? କର୍ମ କ’ଣ ? ମୁକ୍ତି କ’ଣ ?’ ଇତ୍ୟାଦି ଜଗତର ସମସ୍ତ ଆଧ୍ୟାତ୍ମିକ ପ୍ରଶ୍ନର ସଂପୂର୍ଣ୍ଣ ରହସ୍ୟ ପ୍ରକଟ ହେଲା । ଏହିପରି ପ୍ରକୃତି, ବିଶ୍ୱ ସମ୍ମୁଖରେ ଏକ ଅଦ୍ୱିତୀୟ ପୂର୍ଣ୍ଣ ଦର୍ଶନ ପ୍ରସ୍ତୁତ କଲା ଏବଂ ତାହାର ମାଧ୍ୟମ ହେଲେ ଶ୍ରୀ ଅମ୍ବାଲାଲ୍ ମୂଳ୍‌ଜୀଭାଇ ପଟେଲ, ଯିଏ ଗୁଜରାଟର ଚରୋତର କ୍ଷେତ୍ରର ଭାଦରଣ ଗାଁ’ର ପାଟୀଦାର, କଣ୍ଟ୍ରାକ୍ଟ ବ୍ୟବସାୟ କରିବାବାଲା, ତଥାପି ପୂର୍ଣ୍ଣ ରୂପରେ ବୀତରାଗ ପୁରୁଷ !

‘ବ୍ୟାପାରରେ ଧର୍ମ ରହିବା ଉଚିତ୍, ଧର୍ମରେ ବ୍ୟାପାର ନୁହେଁ’, ଏହି ସିଦ୍ଧାନ୍ତ ସହ ସେ ସାରା ଜୀବନ ବିତାଇଲେ । ଜୀବନରେ କେବେ ମଧ୍ୟ ସେ କାହାରିଠାରୁ ପଇସା ନେଇ ନାହାନ୍ତି, ବରଂ ନିଜ ରୋଜଗାରରୁ ଭକ୍ତମାନଙ୍କୁ ଯାତ୍ରା କରାଉଥିଲେ ।

ତାଙ୍କୁ ଯେପରି ପ୍ରାପ୍ତ ହେଲା, ସେହିପରି କେବଳ ଦୁଇ ଘଣ୍ଟାରେ ଅନ୍ୟ ମୁମୁକ୍ଷୁମାନଙ୍କୁ ମଧ୍ୟ ସେ ଆତ୍ମଜ୍ଞାନର ପ୍ରାପ୍ତି କରାଉଥିଲେ, ତାଙ୍କର ଅଦ୍ଭୁତ ସିଦ୍ଧ ହୋଇଥିବା ଜ୍ଞାନପ୍ରୟୋଗ ଦ୍ୱାରା । ତାହାକୁ ଅକ୍ରମ ମାର୍ଗ କହିଲେ । ଅକ୍ରମ, ଅର୍ଥାତ୍ ବିନା କ୍ରମରେ ଏବଂ କ୍ରମ ଅର୍ଥାତ୍ ସିଢ଼ି ପରେ ସିଢ଼ି, କ୍ରମାନୁସାରେ ଉପରକୁ ଚଢ଼ିବା । ଅକ୍ରମ ଅର୍ଥାତ୍ ଲିଫ୍ଟ ମାର୍ଗ, ସର୍ଟ କଟ୍ ।

ସେ ନିଜେ ପ୍ରତ୍ୟେକଙ୍କୁ ‘ଦାଦା ଭଗବାନ କିଏ ?’ର ରହସ୍ୟ ବତାଇବାକୁ ଯାଇ କହୁଥିଲେ ଯେ, ‘‘ଏ ଯିଏ ଆପଣଙ୍କୁ ଦେଖାଯାଉଛନ୍ତି ସେ ଦାଦା ଭଗବାନ ନୁହଁନ୍ତି, ସେ ତ ‘ଏ.ଏମ୍. ପଟେଲ୍’ ଅଟେ । ମୁଁ ଜ୍ଞାନୀପୁରୁଷ ଅଟେ ଏବଂ ଭିତରେ ଯିଏ ପ୍ରକଟ ହୋଇଛନ୍ତି, ସେ ‘ଦାଦା ଭଗବାନ’ ଅଟନ୍ତି । ଦାଦା ଭଗବାନ ତ’ ଚଉଦ ଲୋକର ନାଥ ଅଟନ୍ତି । ସେ ଆପଣଙ୍କ ଭିତରେ ମଧ୍ୟ ଅଛନ୍ତି, ସମସ୍ତଙ୍କ ଭିତରେ ଅଛନ୍ତି । ଆପଣଙ୍କ ଭିତରେ ଅବ୍ୟକ୍ତ ରୂପରେ ଅଛନ୍ତି ଏବଂ ‘ଏଠାରେ’ ମୋ ଭିତରେ ସଂପୂର୍ଣ୍ଣ ରୂପରେ ବ୍ୟକ୍ତ ହୋଇଛନ୍ତି । ଦାଦା ଭଗବାନଙ୍କୁ ମୁଁ ମଧ୍ୟ ନମସ୍କାର କରେ ।’’

# ନିବେଦନ

ଆତ୍ମବିଜ୍ଞାନୀ ଶ୍ରୀ ଅମ୍ବାଲାଲ ମୂଳ୍‌ଜୀଭାଇ ପଟେଲ, ଯାହାଙ୍କୁ ଲୋକେ 'ଦାଦା ଭଗବାନ' ନାମରେ ମଧ୍ୟ ଜାଣନ୍ତି, ତାଙ୍କ ଶ୍ରୀମୁଖରୁ ଅଧ୍ୟାତ୍ମ ତଥା ବ୍ୟବହାର ଜ୍ଞାନ ସମ୍ବନ୍ଧୀୟ ଯେଉଁ ବାଣୀ ବାହାରିଛି, ସେସବୁକୁ ରେକର୍ଡ କରି, ସଙ୍କଳନ ତଥା ସମ୍ପାଦନ କରି ପୁସ୍ତକ ରୂପରେ ପ୍ରକାଶିତ କରାଯାଉଛି ।

ପ୍ରସ୍ତୁତ ଅନୁବାଦରେ ଏହା ବିଶେଷ ଧ୍ୟାନ ରଖାଯାଇଛି ଯେ, ପାଠକଙ୍କୁ ଦାଦାଶ୍ରୀଙ୍କର ହିଁ ବାଣୀ ଶୁଣାଯାଉଛି, ଏପରି ଅନୁଭବ ହେଉ, ଯେଉଁ କାରଣରୁ ବୋଧହୁଏ କିଛି ଜାଗାରେ ଅନୁବାଦର ବାକ୍ୟ ରଚନା ଓଡ଼ିଆ ବ୍ୟାକରଣ ଅନୁସାରେ ତ୍ରୁଟିପୂର୍ଣ୍ଣ ଲାଗିପାରେ, କିନ୍ତୁ ଏଠାରେ ଯଦି ଆଶୟ(ହେତୁ)କୁ ବୁଝି ପଢ଼ାଯିବ, ତେବେ ଅଧିକ ଲାଭକାରୀ ହେବ ।

ଜ୍ଞାନୀଙ୍କ ବାଣୀକୁ ଓଡ଼ିଆ ଭାଷାରେ ଯଥାର୍ଥ ରୂପରେ ଅନୁବାଦ କରିବାର ପ୍ରୟାସ କରାଯାଇଛି । ପ୍ରସ୍ତୁତ ପୁସ୍ତକରେ ଅନେକ ଜାଗାରେ ବନ୍ଧନୀରେ ଦର୍ଶାଯାଇଥିବା ଶବ୍ଦ ବା ବାକ୍ୟ ପରମପୂଜ୍ୟ ଦାଦାଶ୍ରୀଙ୍କ ଦ୍ୱାରା କୁହାଯାଇଥିବା ବାକ୍ୟକୁ ଅଧିକ ସ୍ପଷ୍ଟତାପୂର୍ବକ ବୁଝାଇବା ହେତୁ ଲେଖାଯାଇଛି । ଯେବେକି କିଛି ଜାଗାରେ ଇଂରାଜୀ ଶବ୍ଦକୁ ଓଡ଼ିଆ ଅର୍ଥରୂପରେ ରଖାଯାଇଛି । ଦାଦାଶ୍ରୀଙ୍କ ଶ୍ରୀମୁଖରୁ ବାହାରିଥିବା କିଛି ଗୁଜରାଟୀ ଶବ୍ଦ ଯେମିତିକୁ ସେମିତି ରଖାଯାଇଛି, କାରଣ ସେ ଶବ୍ଦଗୁଡ଼ିକ ପାଇଁ ଓଡ଼ିଆରେ ଏପରି କିଛି ଶବ୍ଦ ନାହିଁ, ଯାହା ତାହାର ପୂର୍ଣ୍ଣ ଅର୍ଥ ଦେଇପାରିବ ।

ଅନୁବାଦଜନିତ ତ୍ରୁଟି ପାଇଁ ଆପଣଙ୍କ ପାଖରେ କ୍ଷମାପ୍ରାର୍ଥୀ ଅଟୁ ।

❖ ❖ ❖

# ସମ୍ପାଦକୀୟ

ଯେତେବେଳେ ଆମକୁ ବିନା କୌଣସି ଭୁଲରେ ଭୋଗିବାକୁ ପଡ଼େ, ସେତେବେଳେ ହୃଦୟ ବାରମ୍ବାର ବ୍ୟାକୁଳ ହୋଇ ଚିତ୍କାର କରେ ଯେ ଏଥିରେ ମୋର କ'ଣ ଭୁଲ ? ଏଥିରେ ମୁଁ କ'ଣ ଭୁଲ କରିଛି ? ତଥାପି ଉତ୍ତର ମିଳେ ନାହିଁ, ସେତେବେଳେ ନିଜ ଭିତରେ ବସିଥିବା ଓକିଲ ଓକିଲାତି କରିବା ଆରମ୍ଭ କରିଦିଏ ଯେ ଏଥିରେ ମୋର ତିଳେ ମାତ୍ର ମଧ୍ୟ ଭୁଲ ନାହିଁ । ଏଥିରେ ସାମ୍ନାବାଲାର ହିଁ ଭୁଲ ନା ? ଶେଷରେ ଏପରି ହିଁ ମନାଇ ଦିଏ, ଜଷ୍ଟିଫାୟ କରାଇ ଦିଏ ଯେ, 'କିନ୍ତୁ ସେ ଯଦି ଏପରି କରି ନଥାନ୍ତା ତାହେଲେ ମୋତେ ଏପରି ଭୁଲ କ'ଣ ପାଇଁ କରିବାକୁ ପଡ଼ିଥାନ୍ତା ବା କହିବାକୁ ପଡ଼ିଥାନ୍ତା ?' ଏହିପରି ନିଜ ଭୁଲ ଢାଙ୍କି ଦିଅନ୍ତି ଏବଂ ସାମ୍ନାବାଲାର ହିଁ ଭୁଲ ଅଟେ, ଏପରି ପ୍ରମାଣିତ କରି ଦିଅନ୍ତି । ଏବଂ ସର୍ଜନ ହୁଏ କର୍ମର ପରମ୍ପରା ।

ପରମପୂଜ୍ୟ ଦାଦାଶ୍ରୀ, ସାଧାରଣ ଲୋକଙ୍କୁ ମଧ୍ୟ ସବୁ ଦିଗରୁ ସମାଧାନ କରାଏ, ଏପରି ଜୀବନପୋଯୋଗୀ ସୂତ୍ର ଦେଲେ ଯେ 'ଯିଏ ଭୋଗେ ତା'ର ଭୁଲ' । ଏହି ଜଗତରେ ଭୁଲ କାହାର ? ଚୋରର ନା ଯାହାର ଚୋରି ହେଲା, ତା'ର ? ଏ ଦୁହିଁଙ୍କ ମଧ୍ୟରୁ କିଏ ଭୋଗୁଛି ? ଯାହାର ଚୋରି ହେଲା, ସେ ଭୋଗୁଛି ନା ? ଯିଏ ଭୋଗେ, ତା'ର ଭୁଲ । ଚୋର ତ ଧରା ପଡ଼ିବା ପରେ ଭୋଗିବ, ସେତେବେଳେ ତା' ଭୁଲର ଦଣ୍ଡ ତା'କୁ ମିଳିବ । ଆଜି ନିଜ ଭୁଲର ଦଣ୍ଡ ମିଳିଗଲା । ନିଜେ ଭୋଗିବା, ତେବେ ପୁଣି କାହାକୁ ଦୋଷ ଦେବାକୁ ରହିଲା ? ପୁଣି ସାମ୍ନାବାଲା ନିର୍ଦ୍ଦୋଷ ହିଁ ଦେଖାଯିବ । ନିଜ ହାତରୁ ଚା-ସେଟ୍ ଭାଙ୍ଗିଯାଏ, ତେବେ କାହାକୁ କହିବା ? ଆଉ ଚାକର ଦ୍ୱାରା ଭାଙ୍ଗିଗଲେ ? ଏହିପରି ଅଟେ । ଘରେ, ଧନ୍ଦାରେ, ଚାକିରିରେ ସବୁ ଜାଗାରେ 'ଭୁଲ କାହାର ?' ଖୋଜିବାର ଥିବ ତେବେ ସନ୍ଧାନ କର ଯେ 'କିଏ ଭୋଗୁଛି ?' ତା'ର ଭୁଲ । ଭୁଲ ଥାଏ, ସେହି ପର୍ଯ୍ୟନ୍ତ ହିଁ ଭୋଗିବାକୁ ପଡ଼େ । ଯେବେ ଭୁଲ ଶେଷ ହୋଇଯିବ, ସେତେବେଳେ ଏ ଦୁନିଆର କୌଣସି ବ୍ୟକ୍ତି, କୌଣସି ସଂଯୋଗ ଆମକୁ *ଭୋଗବଟା* (ସୁଖ-ଦୁଃଖର ପ୍ରଭାବ) ଦେଇପାରିବ ନାହିଁ ।

ପ୍ରସ୍ତୁତ ସଙ୍କଳନରେ ଦାଦାଶ୍ରୀ 'ଯିଏ ଭୋଗେ ତା'ର ଭୁଲ' ର ବିଜ୍ଞାନ ଖୋଲା କରିଛନ୍ତି । ଯାହାକୁ ଉପଯୋଗରେ ନେବା ଦ୍ୱାରା ନିଜର ସମସ୍ତ ସମସ୍ୟାର ସମାଧାନ ମିଳିଯାଏ, ଏପରି ଅମୂଲ୍ୟ ଜ୍ଞାନସୂତ୍ର ଅଟେ !

**-ଡା. ନୀରୂବେନ ଅମୀନଙ୍କ ଜୟ ସଚ୍ଚିଦାନନ୍ଦ**

# ଯିଏ ଭୋଗେ ତା'ର ଭୁଲ

## ପ୍ରକୃତିର ନ୍ୟାୟାଳୟରେ...

ଏହି ଜଗତର ନ୍ୟାୟାଧୀଶ ତ' ସବୁ ଜାଗାରେ ଅଛନ୍ତି କିନ୍ତୁ କର୍ମ ଜଗତର ପ୍ରାକୃତିକ ନ୍ୟାୟାଧୀଶ ତ ଜଣେ ହିଁ, 'ଯିଏ ଭୋଗେ ତା'ର ଭୁଲ' । ଏହି ଗୋଟିଏ ହିଁ ନ୍ୟାୟ, ଯାହାଦ୍ୱାରା ସାରା ଜଗତ ଚାଲୁଅଛି ଏବଂ ଭ୍ରାନ୍ତିର ନ୍ୟାୟ ଦ୍ୱାରା ସାରା ସଂସାର ଛିଡ଼ା ହୋଇଛି ।

ଗୋଟିଏ କ୍ଷଣପାଇଁ ମଧ୍ୟ ଜଗତ ନ୍ୟାୟରୁ ବାହାରେ ରୁହେ ନାହିଁ । ଯାହାକୁ ପୁରସ୍କାର ଦେବାର ଥିବ ତା'କୁ ପୁରସ୍କାର ଦିଏ, ଯାହାକୁ ଦଣ୍ଡ ଦେବାର ଥିବ ତା'କୁ ଦଣ୍ଡ ଦିଏ । ଜଗତ ନ୍ୟାୟରୁ ବାହାରକୁ ଯାଏ ନାହିଁ, ନ୍ୟାୟରେ ହିଁ ଅଛି, ସମ୍ପୂର୍ଣ୍ଣ ନ୍ୟାୟପୂର୍ବକ ହିଁ ଅଛି । କିନ୍ତୁ ସାମ୍ନାବାଲାର ଦୃଷ୍ଟିରେ ଏହା ଆସେ ନାହିଁ, ସେଥିପାଇଁ ବୁଝିପାରେ ନାହିଁ । ଯେତେବେଳେ ଦୃଷ୍ଟି ନିର୍ମଳ ହେବ, ସେତେବେଳେ ନ୍ୟାୟ ଦେଖାଯିବ । ଯେପର୍ଯ୍ୟନ୍ତ ସ୍ୱାର୍ଥ ଦୃଷ୍ଟି ଥିବ, ସେପର୍ଯ୍ୟନ୍ତ ନ୍ୟାୟ କିପରି ଦେଖାଯିବ ?

## ବ୍ରହ୍ମାଣ୍ଡର ସ୍ୱାମୀଙ୍କୁ *ଭୋଗବଟା* କାହିଁକି ?

ଏ ପୁରା ଜଗତ 'ଆମ' ମାଲିକାନା ର ଅଟେ । ଆମେ 'ନିଜେ' ହିଁ ବ୍ରହ୍ମାଣ୍ଡର ମାଲିକ । ତଥାପି ଆମକୁ ଦୁଃଖ କାହିଁକି ଭୋଗିବାକୁ ପଡ଼ିଲା, ଏହା ଖୋଜି ବାହାର କର ନା ? ଏ ତ ନିଜେ ନିଜର ହିଁ ଭୁଲ ଦ୍ୱାରା ବନ୍ଧା ହୋଇଛେ । ଲୋକମାନେ ଆସି ବାନ୍ଧି ନାହାନ୍ତି । ସେ ଭୁଲ ଶେଷ ହୋଇଯିବ ତେବେ ପୁଣି ମୁକ୍ତ । ଆଉ ବାସ୍ତବରେ ତ ମୁକ୍ତ ହିଁ ଅଛେ, କିନ୍ତୁ ଭୁଲ ଯୋଗୁଁ ବନ୍ଧନ ଭୋଗୁଛେ ।

ଏ ନିଜେ ହିଁ ନ୍ୟାୟାଧୀଶ, ନିଜେ ହିଁ ଦୋଷୀ, ଏବଂ ନିଜେ ହିଁ ଓକିଲ, ତେବେ ନ୍ୟାୟ କାହା ପକ୍ଷରେ ଯିବ ? ନିଜ ପକ୍ଷରେ ହିଁ । ପୁଣି ନିଜେ ନିଜ ପସନ୍ଦର ହିଁ ନ୍ୟାୟ କରିବ ନା ! ତେଣୁ ନିଜେ ନିରନ୍ତର ଭୁଲ ହିଁ କରିଚାଲିଥାଏ । ଏହିପରି ଜୀବ ବନ୍ଧନରେ ଆସେ । ଭିତରର ନ୍ୟାୟାଧୀଶ କୁହନ୍ତି ଯେ ତୁମର ଭୁଲ ହୋଇଛି । ପୁଣି

ଭିତରର ଓକିଲ ଓକିଲାତି କରେ ଯେ ଏଥିରେ ମୋର କ'ଣ ଦୋଷ ? ଏପରି କରି ନିଜେ ହିଁ ବନ୍ଧନରେ ଆସେ । ନିଜର ଆତ୍ମହିତ ହେତୁ ଜାଣିନେବା ଉଚିତ ଯେ, କାହା ଦୋଷ ଯୋଗୁଁ ବନ୍ଧନ ଅଛି ? ଯିଏ ଭୋଗୁଛି, ତା'ର ହିଁ ଦୋଷ । ଲୋକଭାଷାରେ ଦେଖିବା ତେବେ ଅନ୍ୟାୟ ଅଟେ କିନ୍ତୁ ଭଗବାନଙ୍କ ଭାଷାର ନ୍ୟାୟ ତ ଏହା ହିଁ କୁହେ ଯେ, 'ଯିଏ ଭୋଗେ ତା'ର ଭୁଲ' । ଏହି ନ୍ୟାୟରେ ତ ବାହାରର ନ୍ୟାୟାଧୀଶର କାମ ହିଁ ନାହିଁ ।

ଜଗତର ବାସ୍ତବିକତାର ରହସ୍ୟଜ୍ଞାନ ଲୋକମାନଙ୍କ ଲକ୍ଷ୍ୟରେ ହିଁ ନାହିଁ ଆଉ ଯାହାପାଇଁ ଭଟକିବାକୁ ପଡୁଛି, ସେ ଅଜ୍ଞାନ-ଜ୍ଞାନ ବିଷୟରେ ତ ସମସ୍ତଙ୍କୁ ଜଣା । ଏ ପକେଟମାର ହେଲା, ସେଥିରେ ଭୁଲ କାହାର ? ଏ ଭାଇର ପକେଟମାର ହେଲା ନାହିଁ ଆଉ ତୁମର ହିଁ କାହିଁକି ହେଲା ? ଦୁହିଁଙ୍କ ମଧ୍ୟରୁ ଏବେ କିଏ ଭୋଗୁଛି ? 'ଯିଏ ଭୋଗେ ତା'ର ଭୁଲ !' ଏହାକୁ 'ଦାଦା' ଜ୍ଞାନରେ 'ଯେମିତି କୁ ସେମିତି(as it is)' ଦେଖିଛନ୍ତି ଯେ, ଯିଏ ଭୋଗେ ତା'ର ଭୁଲ ।

## ସହନ କରିବା ନା ସମାଧାନ କରିବା ?

ଲୋକେ ସହନଶକ୍ତି ବଢ଼ାଇବା ପାଇଁ କୁହନ୍ତି, କିନ୍ତୁ ତାହା କେଉଁ ପର୍ଯ୍ୟନ୍ତ ରହିବ ? ଜ୍ଞାନର ଡୋରି ତ ଶେଷ ପର୍ଯ୍ୟନ୍ତ ପହଞ୍ଚିବ, ସହନଶକ୍ତିର ଡୋରି କେତେ ପର୍ଯ୍ୟନ୍ତ ପହଞ୍ଚିବ ? ସହନଶକ୍ତି ଲିମିଟେଡ଼ ଅଟେ, ଜ୍ଞାନ ଅନ୍‌ଲିମିଟେଡ଼ ଅଟେ । ଏହି 'ଜ୍ଞାନ' ହିଁ ଏପରି ଯେ କିଞ୍ଚିତମାତ୍ର ବି ସହନ କରିବା ପାଇଁ ରୁହେ ନାହିଁ । ସହନ କରିବା ଅର୍ଥାତ ଲୁହାକୁ ଆଖି ଦ୍ୱାରା ଦେଖି ତରଳାଇବା । ସେଥିପାଇଁ ତ ଶକ୍ତି ଦରକାର । ଯେବେକି ଜ୍ଞାନ ଦ୍ୱାରା କିଞ୍ଚିତ୍‌ମାତ୍ର ସହନ କରିବା ବିନା, ପରମାନନ୍ଦ ସହିତ ମୁକ୍ତି ! ଆଉ ପୁଣି ଏହା ମଧ୍ୟ ବୁଝାପଡ଼େ ଯେ ଏ ତ' ହିସାବ ପୁରା ହେଉଅଛି ଏବଂ ମୁକ୍ତ ହେଉଅଛେ ।

ଯିଏ ଦୁଃଖ ଭୋଗେ, ତା'ର ଭୁଲ ଆଉ ସୁଖ ଭୋଗେ ତେବେ, ତାହା ତା'ର ପୁରସ୍କାର । କିନ୍ତୁ ଭ୍ରାନ୍ତିର କାନୁନ *ନିମିତ୍ତ*କୁ ଧରେ । ଭଗବାନଙ୍କ କାନୁନ, ରିୟଲ କାନୁନ ତ' ଯାହାର ଭୁଲ ଥିବ, ତା'କୁ ହିଁ ଧରିବ । ଏ କାନୁନ ଏକ୍‌ଜାକ୍ଟ ଅଟେ ଏବଂ ସେଥିରେ କେହି ପରିବର୍ତ୍ତନ କରିପାରିବ ହିଁ ନାହିଁ । ଜଗତରେ ଏପରି କୌଣସି

କାନୁନ୍ ନାହିଁ ଯାହା କାହାକୁ *ଭୋଗବଟା* ଦେଇପାରିବ ! ସରକାରୀ କାନୁନ ମଧ୍ୟ *ଭୋଗବଟା* ଦେଇପାରିବ ନାହିଁ ।

ଏ ଚା' କପ୍ ଯଦି ତୁମ ଦ୍ୱାରା ଭାଙ୍ଗିଯାଏ ତେବେ ତୁମକୁ ଦୁଃଖ ହେବ ? ନିଜଦ୍ୱାରା ଭାଙ୍ଗିଗଲେ କ'ଣ ତୁମକୁ ସହନ କରିବାକୁ ପଡ଼େ ? ଆଉ ଯଦି ତୁମ ପୁଅ ଦ୍ୱାରା ଭାଙ୍ଗିଯାଏ ତେବେ ଦୁଃଖ, ଚିନ୍ତା ଆଉ କୁଢ଼ନ୍(କ୍ଲେଶ) ହୁଏ । ନିଜ ଭୁଲର ହିଁ ହିସାବ ଅଟେ, ଏପରି ଯଦି ବୁଝା ପଡ଼ିଯିବ ତେବେ ଦୁଃଖ ବା ଚିନ୍ତା ହେବ ? ଏମାନେ ତ ଅନ୍ୟର ଦୋଷ ଦେଖିବା ଦ୍ୱାରା ଦୁଃଖ ଆଉ ଚିନ୍ତା ସୃଷ୍ଟି କରନ୍ତି, ରାତି-ଦିନ ଜଳନ ହିଁ ସୃଷ୍ଟି କରନ୍ତି, ଆଉ ଉପରୁ ନିଜକୁ ଏପରି ଲାଗେ ଯେ ମୋତେ ବହୁତ ସହିବାକୁ ପଡୁଛି ।

ନିଜର କିଛି ଭୁଲ ଥିବ, ସେଥିପାଇଁ ସାମ୍ନାବାଲା କହୁଥିବ ନା ? ଏଣୁ ଭୁଲ ସୁଧାରି ନିଅ ନା ! ଏହି ଜଗତରେ କୌଣସି ଜୀବ କୌଣସି ଜୀବକୁ ଦୁଃଖ(ଅସୁବିଧା) ଦେଇପାରିବ ନାହିଁ, ଏପରି ସ୍ୱତନ୍ତ୍ର ଅଟେ ଆଉ ଯଦି କେହି ଦୁଃଖ ଦେଉଛି, ସେ ପୂର୍ବରୁ ଦଖଲ କରିଛି, ସେଥିପାଇଁ । ଭୁଲ ଶେଷ କରିଦିଅ, ପୁଣି ହିସାବ ରହିବ ନାହିଁ ।

**ପ୍ରଶ୍ନକର୍ତ୍ତା :** ଏହି ଥିଓରୀ ଠିକ ରୂପେ ବୁଝିଗଲେ ମନକୁ ସବୁ ପ୍ରଶ୍ନର ସମାଧାନ ରହିବ ।

**ଦାଦାଶ୍ରୀ :** ସମାଧାନ ନୁହେଁ, ଏକ୍‌ଜାକ୍ଟ ଏହିପରି ହିଁ ଅଟେ । ଏହା ସେଟ୍ କରାଯାଇଥିବା କଥା ନୁହେଁ, ବୁଦ୍ଧିପୂର୍ବକ କଥା ନୁହେଁ, ଏହା ଜ୍ଞାନପୂର୍ବକ ଅଟେ ।

## ଆଜି ଦୋଷୀ- ଲୁଟେରା ନା ଯିଏ ଲୁଟିଗଲା ?

ଏ ସମାଚାର ମାନଙ୍କରେ ସବୁଦିନ ଆସେ ଯେ, 'ଆଜି ଟାକ୍ସିରେ ଦୁଇଜଣ ଲୋକ କାହାକୁ ଲୁଟିନେଲେ, ଅମକ ଫ୍ଲାଟ୍‌ରେ କେଉଁ ମହିଳାକୁ ବାନ୍ଧି ଲୁଟିନେଲେ ।' ଏପରି ପଢ଼ି ଆମକୁ ଭଡ଼କିବାର ଆବଶ୍ୟକତା ନାହିଁ ଯେ ମୁଁ ମଧ୍ୟ କେବେ ଲୁଟିଯିବି, ତେବେ ? ଏପରି ବିକଳ୍ପ, ତାହା ହିଁ ଦୋଷ । ତାହା ବଦଳରେ ତୁ ନିଶ୍ଚିନ୍ତ ହୋଇ ରହ ନା ! ତୋର ହିସାବ ଥିବ ତେବେ ନେଇଯିବ, ନହେଲେ କୋଉ ବୋପା ବି ପଚାରିବାବାଲା ନାହିଁ । ଏଣୁ ତୁ ନିର୍ଭୟ ହୋଇ ରହ । ଏ ଖବରକାଗଜବାଲା ତ ଲେଖିବେ, ତା'ବୋଲି କ'ଣ ଆମେ ଡରିଯିବା ? ଏ ତ ଠିକ୍ ଅଛି ଯେ ବହୁତ କମ

ଡିଭୋର୍ସ(ଛାଡ଼ପତ୍ର) ହେଉଛି, କିନ୍ତୁ ଏହାର ମାତ୍ରା ଯଦି ବଢ଼ିଯିବ ତେବେ ସମସ୍ତଙ୍କୁ ଶଙ୍କା ହେବାକୁ ଲାଗିବ ଯେ ଆମର ବି ଡିଭୋର୍ସ ହୋଇଯିବ ତେବେ ? ଲକ୍ଷେ ମଣିଷ ଯେଉଁଠାରେ ଲୁଟିଯାନ୍ତି, ସେଠାରେ ମଧ୍ୟ ତୁମକୁ ଡରିବାର ଆବଶ୍ୟକତା ନାହିଁ । କୋଉ ବୋପା ବି ତୁମର *ଉପରୀ* (ବରିଷ୍ଠ ମାଲିକ,ବୋସ୍) ନାହିଁ ।

ଲୁଟିନେବାବାଲା ଭୋଗେ ନା ଯାହାର ଲୁଟିନେଲେ, ସେ ଭୋଗେ ? କିଏ ଭୋଗୁଛି ତାହା ଦେଖିନେବ । ଲୁଟେରା ମିଳିଲେ ଆଉ ଲୁଟିନେଲେ । ଏବେ କାନ୍ଦିବାର ନାହିଁ, ଆଗକୁ ବଢ଼ ।

ଜଗତ ଦୁଃଖ ଭୋଗିବା ପାଇଁ ହୋଇନାହିଁ, ସୁଖ ଭୋଗିବା ପାଇଁ ହୋଇଛି । ଯାହାର ଯେତିକି ହିସାବ ଥାଏ, ସେତିକି ହୁଏ । କିଛି ଲୋକ କେବଳ ସୁଖ ହିଁ ଭୋଗନ୍ତି, ଏପରି କାହିଁକି ? କିଛି ଲୋକ ସର୍ବଦା ଦୁଃଖ ହିଁ ଭୋଗନ୍ତି, ଏପରି କାହିଁକି ? ନିଜେ ଏପରି ହିସାବ ଆଣିଛି, ସେଥିପାଇଁ ।

'ଯିଏ ଭୋଗେ ତା'ର ଭୁଲ' ଏହି ଗୋଟିଏ ହିଁ ସୂତ୍ର ଯଦି ଘରର କାନ୍ଥରେ ଲେଖି ରଖିଥିବ ତେବେ ଭୋଗିବା ସମୟରେ ବୁଝିଯିବ ଯେ ଏଥିରେ ଭୁଲ କାହାର ? ଏଥିପାଇଁ ଅନେକ ଘରେ, କାନ୍ଥରେ ବଡ଼ ଅକ୍ଷରରେ ଲେଖା ହୋଇଥାଏ ଯେ, 'ଯିଏ ଭୋଗେ ତା'ର ଭୁଲ' । ପୁଣି କଥା ଭୁଲିବେ ହିଁ ନାହିଁ ନା !

ଯଦି କେହି ବ୍ୟକ୍ତି ସାରା ଜୀବନ ଏ ସୂତ୍ରକୁ ଯଥାର୍ଥ ରୂପେ ବୁଝି ଉପଯୋଗ କରିବ ତେବେ ତା'କୁ ଗୁରୁ କରିବାର ଆବଶ୍ୟକତା ରହିବ ନାହିଁ ଏବଂ ଏହି ସୂତ୍ର ହିଁ ତା'କୁ ମୋକ୍ଷରେ ନେଇଯିବ, ଏପରି ଅଟେ ।

## ଗଜବ ୱେଲ୍ଡିଙ୍ଗ୍ ହୋଇଛି ଏହା !

'ଯିଏ ଭୋଗେ ତା'ର ଭୁଲ' ଏହା ବହୁତ ବଡ଼ ସୂତ୍ର ଅଟେ । ସଂଯୋଗାନୁସାରେ କେଉଁ କାଳର ହିସାବରେ ଶବ୍ଦମାନଙ୍କର ୱେଲ୍ଡିଙ୍ଗ୍ ହୁଏ । ୱେଲ୍ଡିଙ୍ଗ୍ ହେବା ବିନା କାମରେ ଆସେ ନାହିଁ ନା ! ୱେଲ୍ଡିଙ୍ଗ୍ ହୋଇଯିବା ଦରକାର । ଏ ଶବ୍ଦ ୱେଲ୍ଡିଙ୍ଗ୍‌ଯୁକ୍ତ ଅଟେ । ଏହା ଉପରେ ତ ଏକ ବଡ଼ ପୁସ୍ତକ ଲେଖିହେବ, ଏତେ ଏଥିରେ ସାର ଅଛି !

ଗୋଟିଏ 'ଯିଏ ଭୋଗେ ତା'ର ଭୁଲ' ଏତିକି ବୁଝିବା ଦ୍ୱାରା ଅଧା ପଜଲ୍

ସମାଧାନ ହୋଇଯିବ ଆଉ ଅନ୍ୟଟି 'ବ୍ୟବସ୍ଥିତ୍' ବୁଝିବା ଦ୍ୱାରା ଆଉ ଅଧା ପଜ୍ଜଲ୍ ମଧ୍ୟ ସମାଧାନ ହୋଇଯିବ । ନିଜକୁ ଯେଉଁ ଦୁଃଖ ଭୋଗିବାକୁ ପଡୁଛି, ତାହା ନିଜର ହିଁ ଦୋଷ ଅଟେ, ଅନ୍ୟ କାହାର ଦୋଷ ନୁହେଁ । ଯିଏ ଦୁଃଖ ଦିଏ, ତା'ର ଭୁଲ ନାହିଁ । ଯିଏ ଦୁଃଖ ଦିଏ ତା'ର ଭୁଲ ସଂସାରରେ ଏବଂ 'ଯିଏ ଭୋଗେ ତା'ର ଭୁଲ' ଭଗବାନଙ୍କ କାନୁନରେ ।

**ପ୍ରଶ୍ନକର୍ତ୍ତା :** ଦୁଃଖ ଦେବାବାଲାକୁ ଭୋଗିବାକୁ ତ ପଡ଼ିବ ନା ?

**ଦାଦାଶ୍ରୀ :** ପରେ ଯେବେ ସେ ଭୋଗିବ, ସେ ଦିନ ତା'ର ଭୁଲ ଗଣାଯିବ, କିନ୍ତୁ ଆଜି ତ ତୁମର ଭୁଲ ଧରା ପଡ଼ିଛି ।

## ଭୁଲ, ବାପର ନା ପୁଅର ?

ଜଣେ ବାପ ଅଛି, ତା' ପୁଅ ରାତି ଦି'ଟାରେ ଘରକୁ ଫେରେ । ଏମିତି ତ ପଚାଶ ଲକ୍ଷର ମାଲିକ । ବାପ ପୁଅର ରାସ୍ତା ଚାହିଁ ବସିଥାଏ ଯେ ସେ ଆସିଲା ନା ନାହିଁ ? ଆଉ ଭାଇ ଆଶିଲେ ସେତେବେଳେ ଟଳମଳ ହୋଇ ଘରକୁ ପଶିଲେ । ବାପ ପାଞ୍ଚ-ସାତ ଥର ବୁଝାଇବା ପାଇଁ ଚେଷ୍ଟା କଲା, ତେବେ ପୁଅ ଶୁଣେଇ ଦେଲା । ଏଥିପାଇଁ ଚୁପ୍ ହୋଇ ଫେରି ଆସିଲେ । ପୁଣି ମୋ ପରି ଯଦି କହିବ ଯେ, 'ଛାଡ଼ ନା ଝଂଝଟ୍, ମୁର୍ଖକୁ ପଡ଼ି ରହିବାକୁ ଦିଅ ନା ! ତୁମେ ଶୋଇଯାଅ ନା ଆରାମରେ ।' ତେବେ କୁହେ 'ପୁଅ ତ ମୋର ନା !' ନିଅ ! ମାନ ଯେମିତି ତା' କୋଳରୁ ହିଁ ଜନ୍ମ ହୋଇଛି !

ପୁଅ ତ' ଆସି ଶୋଇ ପଡୁଛି । ପୁଣି ମୁଁ ବାପକୁ ପଚାରିଲି, 'ପୁଅ ଶୋଇଯିବା ପରେ ତୁମେ ଶୋଇଯାଉଛ ନା ନାହିଁ ?' ତେବେ କହିଲା, 'ମୋତେ କେମିତି ନିଦ ଆସିବ ?! ଏ ମଇଁଷି ତ ମଦ ପିଇ ଆସୁଛି ଆଉ ଶୋଇଯାଉଛି କିନ୍ତୁ ମୁଁ କ'ଣ ମଇଁଷି ?' ମୁଁ କହିଲି, 'ସେ ତ ସିଆଣିଆ ଅଟେ ।' ଦେଖ, ଏ ସିଆଣିଆ ମାନେ ଦୁଃଖୀ ହୁଅନ୍ତି ! ପୁଣି ମୁଁ ତାଙ୍କୁ କହିଲି, 'ଯିଏ ଭୋଗେ ତା'ର ଭୁଲ । ସେ ଭୋଗୁଛି ନା ତୁମେ ଭୋଗୁଛ ?' ସେତେବେଳେ କହିଲେ, 'ଭୋଗୁଛି ତ ମୁଁ ହିଁ ! ରାତିସାରା ଉଜାଗର...' ମୁଁ କହିଲି, 'ତା'ର ଭୁଲ ନାହିଁ, ଏହା ତୁମର ଭୁଲ । ତୁମେ ପୂର୍ବ ଜନ୍ମରେ ତା'କୁ ବିଗାଡ଼ିଥିଲ, ତାହାର ଏହି ପରିଣାମ ଆସିଛି । ତୁମେ ବିଗାଡ଼ିଥିଲ,

ଏବେ ସେହି ମାଲ୍ ତୁମକୁ ଫେରାଇବାକୁ ଆସିଛି ।' ଏ ଅନ୍ୟ ତିନୋଟି ପୁଅ ଭଲ ଅଟନ୍ତି, ତାଙ୍କର ଆନନ୍ଦ ତୁମେ କାହିଁକି ନେଉନାହଁ ? ସବୁ ନିଜ ଦ୍ୱାରା ସୃଷ୍ଟି କରାଯାଇଥିବା ଦୁଃଖ ଅଟେ । ଏ ଜଗତ ବୁଝିବା ପରି ଅଟେ !

ଏ ବୁଢ଼ାର ବିଗିଡ଼ା ପୁଅକୁ ମୁଁ ଦିନେ ପଚାରିଲି, 'ତୋ ବାପକୁ କେତେ ଦୁଃଖ ହେଉଛି, ତୋତେ କିଛି ଦୁଃଖ ହେଉନାହିଁ ?' ପୁଅ କହିଲା, 'ମୋତେ କି ଦୁଃଖ ? ବାପା କମାଇ କରି ବସିଛନ୍ତି ପୁଣି ମୋତେ କି ଚିନ୍ତା ! ମୁଁ ତ' ମଜ୍ଜା ଉଡ଼ାଉଛି ।'

ଅର୍ଥାତ୍ ଏ ବାପ-ପୁଅ ମଧ୍ୟରେ କିଏ ଭୋଗୁଛି ? ବାପ । ଏଣୁ ବାପର ହିଁ ଭୁଲ । ଯିଏ ଭୋଗେ ତା'ର ଭୁଲ । ଏ ପୁଅ ଜୁଆ ଖେଳୁଥାଉ, କିଛି ବି କରୁଥାଉ, ତଥାପି ତା' ଭାଇମାନେ ଆରାମରେ ଶୋଇଗଲେ ନା ! ତା' ମା ମଧ୍ୟ ଆରାମରେ ଶୋଇପଡ଼ିଛି ନା ! ଆଉ ଏ ଅଭାଗା ବୁଢ଼ା ଏକୁଟିଆ ଚାହିଁ ବସିଛି । ଏଥିପାଇଁ ତା'ର ଭୁଲ । ତା'ର କ'ଣ ଭୁଲ ? ତେବେ କୁହେ, ଏ ବୁଢ଼ା ଏ ପୁଅକୁ ପୂର୍ବଜନ୍ମରେ ବିଗାଡ଼ିଥିଲା । ସେଥିପାଇଁ ପୂର୍ବଜନ୍ମରୁ ଏପରି ଋଣାନୁବନ୍ଧ ବନ୍ଧା ହୋଇଛି, ଯେଉଁ କାରଣରୁ ବୁଢ଼ାକୁ ଏପରି *ଭୋଗବଟା* ଆସୁଛି ଆଉ ପୁଅ ଯେବେ ନିଜର ଭୁଲ ଭୋଗିବ, ସେତେବେଳେ ତା'କୁ ନିଜ ଭୁଲର ଅନୁଭବ ହେବ । ଦୁହିଁଙ୍କ ମଧ୍ୟରୁ କିଏ ଦୁଃଖୀ ହେଉଛି ? ଯିଏ ଦୁଃଖୀ ହେଉଛି, ତା'ର ଭୁଲ । ଏ ଏତିକି, ଗୋଟିଏ ହିଁ କାନୁନ ବୁଝିନେବ ତେବେ ପୁରା ମୋକ୍ଷମାର୍ଗ ଖୋଲା ହୋଇଯିବ ।

ପୁଣି ସେ ବାପକୁ ବୁଝାଇଲି, 'ସେ ସିଧା ହେଉ, ଏପରି ରାସ୍ତା ତୁମେ କରିଚାଲ । ତା'କୁ କେମିତି ଫାଇଦା ହେବ, ତା'କୁ କ୍ଷତି ନ ହେବ, ଏପରି କିଛି କରୁଥାଅ । ମାନସିକ *ଉପାଧି* (ଦୁଶ୍ଚିନ୍ତା) କର ନାହିଁ । ତା' ପାଇଁ ଶାରୀରିକ ଶ୍ରମ ଆଦି ସବୁ କର । ପଇସା ଥିବ ତେବେ ଦିଅ, କିନ୍ତୁ ମନରେ ଦୁଃଖୀ ହୁଅ ନାହିଁ ।

ନହେଲେ ତଥାପି ଆମର ଏଠି ନିୟମ କ'ଣ ଅଛି? ଯିଏ ଭୋଗେ ତା'ର ଭୁଲ । ପୁଅ ମଦ ପିଇ ଆସିଲା ଆଉ ଆରାମରେ ଶୋଇଗଲା ଆଉ ତୁମକୁ ରାତିସାରା ନିଦ ଆସୁନାହିଁ । ସେତେବେଳେ, ତୁମେ ଯଦି ମୋତେ କହିବ ଯେ 'ଏ ମଇଁଷି ଭଳି ଶୋଉଛି, ମୋତେ ନିଦ ଆସୁନାହିଁ ।' ତେବେ ମୁଁ କହିବି, ତୁମେ ଭୋଗୁଛ ଏଥିପାଇଁ ତୁମର ଭୁଲ । ସେ ଯେବେ ଭୋଗିବ, ସେତେବେଳେ ତା'ର ଭୁଲ ।

**ପ୍ରଶ୍ନକର୍ତ୍ତା :** ମା-ବାପା ଭୋଗନ୍ତି, ତାହା ତ ମମତା ଏବଂ ଦାୟିତ୍ୱ ଯୋଗୁଁ ଭୋଗନ୍ତି ନା ?

**ଦାଦାଶ୍ରୀ :** କେବଳ ମମତା ଏବଂ ଦାୟିତ୍ୱ ହିଁ ନୁହେଁ, କିନ୍ତୁ ମୁଖ୍ୟ କାରଣ ଭୁଲ ତାଙ୍କର ଅଟେ । ମମତା ବ୍ୟତୀତ ଅନ୍ୟ ବହୁତ କାରଣ ଥାଏ, କିନ୍ତୁ ତୁ ଭୋଗୁଛୁ ଏଥିପାଇଁ ତୋର ଭୁଲ । ଏଣୁ କାହାର ଦୋଷ ବାହାର କରିବ ନାହିଁ, ନଚେତ୍ ପୁଣି ପରଜନ୍ମ ପାଇଁ ହିସାବ ବନ୍ଧାହେବ ।

ଅର୍ଥାତ୍ ଦୁଇଟିଯାକ କାନୁନ ସମ୍ପୂର୍ଣ୍ଣ ଅଲଗା ଅଟେ । ପ୍ରକୃତିର କାନୁନ ମାନ୍ୟ କରିବ, ତେବେ ତୁମ ରାସ୍ତା ସରଳ ହୋଇଯିବ ଆଉ ସରକାରୀ କାନୁନ ମାନ୍ୟ କରିବ, ତେବେ ଦୁଃଖୀ ହେଉଥିବ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଦାଦା, ତା'କୁ ନିଜକୁ ସେ ଭୁଲ ଦେଖାଯିବା ଦରକାର ନା ?

**ଦାଦାଶ୍ରୀ :** ନା, ନିଜକୁ ଦେଖାଯିବ ନାହିଁ, ତା'କୁ ଦେଖାଇବାବାଲା ଦରକାର । ଏପରି ବିଶ୍ୱସନୀୟ ହୋଇଥିବା ଦରକାର । ଥରେ ଭୁଲ ଦିଶିଯିବ ତେବେ ପୁଣି ଦୁଇ-ତିନି ଥରରେ ତା'କୁ ଅନୁଭବରେ ଆସିଯିବ ।

ଏଥିପାଇଁ ମୁଁ କହିଥିଲି ଯେ ଯଦି ବୁଝାପଡୁ ନାହିଁ ତେବେ ଏତିକି ଘରେ ଲେଖି ରଖିବ ଯେ 'ଯିଏ ଭୋଗେ ତା'ର ଭୁଲ' । ଶାଶୁ ତୁମକୁ ବହୁତ ହଇରାଣ କରୁଥିବ, ରାତିରେ ତୁମକୁ ନିଦ ଆସୁ ନଥିବ ଆଉ ଶାଶୁଙ୍କୁ ଦେଖିବାକୁ ଯିବ ତେବେ ସେ ତ ଶୋଇ ଯାଇଥାଏ ଏବଂ ଘୁଙ୍ଗୁଡ଼ି ମାରୁଥାଏ, ତେବେ ପୁଣି ତୁମେ ବୁଝିଯିବନି ଯେ 'ଭୁଲ ନିଜର ଅଟେ ।' ଶାଶୁ ତ ଆରାମରେ ଶୋଇ ଯାଇଛି । ଯିଏ ଭୋଗେ ତା'ର ଭୁଲ । ଏ କଥା ତୁମକୁ ପସନ୍ଦ ଆସିଲା ନା ନାହିଁ ? ଯିଏ ଭୋଗେ ତା'ର ଭୁଲ, କେବଳ ଏତିକି ଯଦି ବୁଝା ପଡ଼ିଯାଏ, ତେବେ ଘରେ ଗୋଟିଏ ବି ଝଗଡ଼ା ରହିବ ନାହିଁ ।

ପ୍ରଥମେ ତ ଜୀବନ ଜୀଇଁବା ଶିଖ । ଘରେ ଝଗଡ଼ା କମ ହୋଇଯାଉ । ପରେ ଅନ୍ୟ କଥା ଶିଖିବ ।

## ସାମ୍ନାବାଲା ନ ବୁଝେ ତେବେ ?

**ପ୍ରଶ୍ନକର୍ତ୍ତା :** କିଛି ଲୋକ ଏପରି ଥାଆନ୍ତି ଯେ ପଛେ ଆମେ କେତେ ବି ଭଲ ବ୍ୟବହାର କରୁ, ତଥାପି ସେମାନେ ବୁଝନ୍ତି ନାହିଁ ।

**ଦାଦାଶ୍ରୀ :** ସେମାନେ ବୁଝନ୍ତି ନାହିଁ ତେବେ ସେଥିରେ ନିଜର ହିଁ ଭୁଲ ଯେ ଆମକୁ ବୁଝିବା ବ୍ୟକ୍ତି କାହିଁକି ମିଳିଲା ନାହିଁ ! ଆମକୁ ଏହି ମାନଙ୍କର ହିଁ ସଂଯୋଗ କାହିଁକି ହେଲା ? ଯେବେ କେବେ ବି ଆମକୁ କିଛି ଭୋଗିବାକୁ ପଡ଼େ, ତାହା ନିଜର ହିଁ ଭୁଲର ପରିଣାମ ଅଟେ ।

**ପ୍ରଶ୍ନକର୍ତ୍ତା :** ତେବେ ଆମକୁ ଏହା ବୁଝିବା ଉଚିତ୍ ଯେ 'ମୋ କର୍ମ ହିଁ ଏପରି ଅଟେ ?'

**ଦାଦାଶ୍ରୀ :** ଅବଶ୍ୟ । ନିଜ ଭୁଲ ବିନା ଆମକୁ ଭୋଗିବାକୁ ପଡ଼ିନଥାନ୍ତା । ଏହି ଜଗତରେ ଏପରି କେହି ମଧ୍ୟ ନାହିଁ ଯିଏ ଆମକୁ କିଞ୍ଚିତ୍‌ମାତ୍ର ଦୁଃଖ ଦେଇ ପାରିବ ଆଉ ଯଦି କେହି ଦୁଃଖ ଦେବାବାଲା ଅଛି, ତେବେ ତାହା ନିଜର ହିଁ ଭୁଲ । ସାମ୍ନାବାଲାର ଦୋଷ ନୁହେଁ, ସେ ତ *ନିମିତ୍ତ* ଅଟେ । ଏଣୁ 'ଯିଏ ଭୋଗେ ତା'ର ଭୁଲ' ।

କେହି ସ୍ୱାମୀ-ସ୍ତ୍ରୀ ପରସ୍ପର ବହୁତ ଝଗଡ଼ା କରୁଥିବେ ଆଉ ଯେତେବେଳେ ଦୁହେଁ ଶୋଇଯାନ୍ତି, ସେତେବେଳେ ଯଦି ଆମେ ଚୁପ ଚୁପ ଦେଖିବାକୁ ଯିବା ତେବେ ସ୍ତ୍ରୀ ଗଭୀର ନିଦରେ ଶୋଇଥାଏ ଆଉ ସ୍ୱାମୀ ବାରମ୍ବାର କଡ଼ ଲେଉଟାଉ ଥାଏ, ତେବେ ଆମେ ବୁଝିନେବା ଯେ ସ୍ୱାମୀର ସବୁ ଭୁଲ, କାହିଁକିନା ସ୍ତ୍ରୀ ଭୋଗୁନାହିଁ । ଯାହାର ଭୁଲ ଥାଏ, ସେ ଭୋଗେ ଆଉ ଯଦି ସ୍ୱାମୀ ଶୋଇ ଯାଇଥିବ ଏବଂ ସ୍ତ୍ରୀ ଚାହିଁ ରହିଥିବ, ତେବେ ବୁଝିବ ଯେ ସ୍ତ୍ରୀର ଭୁଲ । 'ଯିଏ ଭୋଗେ ତା'ର ଭୁଲ' । ଏହା ତ ବହୁତ ଗହନ 'ସାଇନ୍ସ' ଅଟେ । ପୁରା ଜଗତ *ନିମିତ୍ତ* କୁ ହିଁ କାମୁଡ଼ିବାକୁ ଦୌଡ଼ୁଥାଏ ।

## ଏହାର କ'ଣ ନ୍ୟାୟ ?

ଏ ଜଗତ ନିୟମର ଅଧୀନରେ ଚାଲୁଅଛି, ଏହା କୌଣସି ଗପ ନୁହେଁ । ଏହାର 'ରେଗୁଲେଟର ଅଫ ଦି ୱାର୍ଲ୍ଡ' ମଧ୍ୟ ଅଛି, ସେ ନିରନ୍ତର ଏହି ୱାର୍ଲ୍ଡକୁ ରେଗୁଲେଶନ୍‌ରେ ହିଁ ରଖେ ।

ବସଷ୍ଟାଣ୍ଡରେ ଜଣେ ମହିଳା ଛିଡ଼ା ହୋଇଛନ୍ତି । ଏବେ, ବସଷ୍ଟାଣ୍ଡରେ ଛିଡ଼ା ହେବା କ'ଣ ଦୋଷ ? ଏତିକିରେ ଏକ ପାର୍ଶ୍ୱରୁ ଗୋଟିଏ ବସ ଆସେ ଆଉ ଡ୍ରାଇଭରର ଷ୍ଟୀୟରିଙ୍ଗ ଉପରେ ନିୟନ୍ତ୍ରଣ ନ ରହିବାରୁ ଫୁଟ୍‌ପାଥ ଉପରେ ଚଢ଼ିଯାଏ ଆଉ ବସଷ୍ଟାଣ୍ଡକୁ ଭାଙ୍ଗି, ସେ ମହିଳା ଜଣଙ୍କୁ ଦଳି ପକାଏ । ସେଠାରେ ପାଞ୍ଚଶହ ଲୋକଙ୍କ ଭିଡ଼ ଜମା ହୋଇଯାଏ । ସେ ଲୋକଙ୍କୁ ଯଦି କହିବା ଯେ 'ଏହାର ନ୍ୟାୟ କରନ୍ତୁ' । ତେବେ ସେମାନେ କହିବେ ଯେ, 'ବିଚରା ଏ ମହିଳା ବିନା ଦୋଷରେ ମରିଗଲା । ଏଥିରେ ମହିଳାର କ'ଣ ଦୋଷ ? ଏ ଡ୍ରାଇଭର ଅଯୋଗ୍ୟ ଅଟେ ।' ପରେ ଚାରି-ପାଞ୍ଚଜଣ ବୁଦ୍ଧିମାନ ବ୍ୟକ୍ତି ଏକାଠି ହୋଇ କହିବେ ଯେ, 'ଏ ବସ ଡ୍ରାଇଭର କେମିତିକା ଲୋକ, ଏଭଳି ଲୋକଙ୍କୁ ତ ଜେଲରେ ବନ୍ଦ କରିଦେବା ଉଚିତ, ଏମିତି କରିବା ଉଚିତ, ସେମିତି କରିବା ଉଚିତ । ମହିଳା ଜଣଙ୍କ ବିଚରା ବସଷ୍ଟାଣ୍ଡରେ ଛିଡ଼ା ହୋଇଥିଲା, ସେଥିରେ ତା'ର କ'ଣ ଦୋଷ ?' ଆରେ ଭାଇ, ତୁମେମାନେ ତା'ର ଦୋଷ ଜାଣିନାହଁ, ତା'ର ଦୋଷ ଥିଲା, ସେଥିପାଇଁ ତ ତା'ର ମୃତ୍ୟୁ ହେଲା । ଏବେ ଏ ଡ୍ରାଇଭରର ଦୋଷ ତ ସେ ଯେବେ ଧରାପଡ଼ିବ ତେବେ । ଏହାର ଯେବେ କେସ୍ ଚାଲିବ ଆଉ ସେ କେସ୍ ସଫଳ ହେବ ତେବେ ଦୋଷୀ କୁହାଯିବ, ଅନ୍ୟଥା ନିର୍ଦ୍ଦୋଷ ସାବ୍ୟସ୍ତ ହେବ ତେବେ ସେ ଛୁଟିଯିବ । ସେ ମହିଳାର ଦୋଷ ଆଜି ଧରାପଡ଼ିଗଲା । ଆରେ, ବିନା ହିସାବରେ କେହି ମାରୁଥିବ ? ସେ ମହିଳା ଜଣଙ୍କ ପୁରୁଣା ହିସାବ ପରିଶୋଧ କଲା । ବୁଝିଯିବା ଉଚିତ ଯେ ସେ ମହିଳା ଜଣଙ୍କ ଭୋଗିଲା, ଏଥିପାଇଁ ତା'ର ଭୁଲ । ପରେ ଯେବେ ସେ ଡ୍ରାଇଭର ଧରାପଡ଼ିବ, ସେତେବେଳେ ଡ୍ରାଇଭରର ଭୁଲ । ଆଜି ଯିଏ ଧରାପଡ଼ିଲା, ସେ ଦୋଷୀ ।

ତା' ଉପରେ ପୁଣି କିଛି ଲୋକ କ'ଣ କୁହନ୍ତି ଯେ 'ଯଦି ଭଗବାନ ଥାଆନ୍ତେ ତେବେ ଏପରି ହୋଇ ନଥାନ୍ତା । ଏଥିପାଇଁ ଭଗବାନ ଭଳି କିଛି ଏ ସଂସାରରେ ନାହିଁ, ମହିଳା ଜଣଙ୍କର କ'ଣ ଦୋଷ ଥିଲା ? ଏବେ ଏ ଦୁନିଆରେ ଭଗବାନ ହିଁ ରହିଲେ ନାହିଁ ।' ନିଅ !! ଏ ଲୋକମାନେ ଏମିତି ସାର ବାହାର କଲେ । ଆରେ, ଏମିତି କ'ଣ ପାଇଁ? ଭଗବାନଙ୍କୁ କାହିଁକି ବଦ୍‌ନାମ କରୁଛ ? ତାଙ୍କ ଘର କାହିଁକି ଖାଲି କରାଉଛ ? ଭଗବାନଙ୍କୁ ଘର ଖାଲି କରାଇବା ପାଇଁ ବାହାରି ପଡ଼ିଲେ । ଆରେ ଭାଇ, ଭଗବାନ ନଥାନ୍ତେ ତେବେ ପୁଣି ରହିଲା କ'ଣ ଏ ସଂସାରରେ ? ଏ ଲୋକମାନେ

କ'ଣ ବୁଝିଲେ ଯେ ଭଗବାନଙ୍କ ସତ୍ତା ଆଉ ରହିଲା ନାହିଁ । ପୁଣି ଲୋକମାନଙ୍କୁ ଭଗବାନ ଉପରେ ଆସ୍ଥା ରୁହେ ନାହିଁ । ଏପରି ନୁହେଁ । ଏସବୁ ହିସାବ ଚାଲୁଅଛି । ଏହା ଗୋଟିଏ ହିଁ ଜନ୍ମର କଥା ନୁହେଁ । ଆଜି ସେ ମହିଳା ଜଣଙ୍କର ଭୁଲ ଧରା ପଡ଼ିଗଲା, ସେଥିପାଇଁ ତା'କୁ ଭୋଗିବାକୁ ପଡ଼ିଲା । ଏସବୁ ନ୍ୟାୟ । ସେ ସ୍ତ୍ରୀ ଲୋକ ଉପରେ ଗାଡ଼ି ଚଢ଼ିଗଲା, ତାହା ନ୍ୟାୟ । ଅର୍ଥାତ୍ ଏ ଜଗତ ନିୟମ ସହିତ ଅଛି । ସଂକ୍ଷେପରେ ବାସ୍ ଏତିକି ହିଁ କହିବାର ଅଛି ।

ଯଦି ସେ ଡ୍ରାଇଭରର ଭୁଲ ଥାଆନ୍ତା ତେବେ ସରକାରର କଡ଼ା କାନୁନ ଥାଆନ୍ତା, ଏତେ କଡ଼ା ଯେ ସେ ଡ୍ରାଇଭରକୁ ସେଇଠି ହିଁ ଛିଡ଼ା କରି ଗୁଳିରେ ଉଡ଼ାଇ ମାରି ଦେଇଥାନ୍ତେ । କିନ୍ତୁ ଏହା ତ ସରକାର ମଧ୍ୟ କହୁନାହିଁ, କାହିଁକିନା କାହାକୁ ମାରି ପାରିବା ନାହିଁ । ବାସ୍ତବରେ ସେ ଦୋଷୀ ନୁହେଁ, ସେ ନିଜେ ନୂଆ ଦୋଷ ସୃଷ୍ଟି କଲା, ସେ ଦୋଷ ଯେବେ ସେ ଭୋଗିବ ତେବେ, କିନ୍ତୁ ସେ ତୁମକୁ ଦୋଷରୁ ମୁକ୍ତ କଲା । ତୁମେ ଦୋଷମୁକ୍ତ ହେଲ । ସେ ଦୋଷରେ ଛନ୍ଦି ହୋଇଗଲା । ଏଣୁ ମୁଁ ସଦ୍‌ବୁଦ୍ଧି ଦେବା ପାଇଁ କହିଛି ଯେ ଦୋଷୀ ହୁଅ ନାହିଁ ।

## ଏକ୍ସିଡେଣ୍ଟ ମାନେ ତ...

ଏ କଳିଯୁଗରେ ଏକ୍ସିଡେଣ୍ଟ(ଦୁର୍ଘଟଣା,ଅକସ୍ମାତ) ଆଉ ଇନ୍ସିଡେଣ୍ଟ(ଘଟଣା) ଏତେ ସବୁ ହେଉଛି ଯେ ମଣିଷ ଭ୍ରମରେ ପଡ଼ି ଯାଉଛି । ଏକ୍ସିଡେଣ୍ଟ ମାନେ କ'ଣ ? 'ଠୁ ମେନି କଜେଜ୍ ଏଟ ଏ ଟାଇମ'(ଅସଂଖ୍ୟ କାରଣ ଏକ ସଙ୍ଗରେ ଏକ ସମୟରେ) ଆଉ ଇନ୍ସିଡେଣ୍ଟ ମାନେ କ'ଣ ? 'ସୋ ମେନି କଜେଜ୍ ଏଟ ଏ ଟାଇମ'(ବହୁତ କାରଣ ଏକ ସଙ୍ଗରେ ଏକ ସମୟରେ) । ଏଥିପାଇଁ ମୁଁ କୁହେ ଯେ 'ଯିଏ ଭୋଗେ ତା'ର ଭୁଲ' ଆଉ ସାମ୍ନାବାଲା ଯେବେ ଧରାପଡ଼ିବ, ସେତେବେଳେ ତା'ର ଭୁଲ ବୋଲି ବୁଝାଯିବ ।

ଏମାନେ ତ, ଯିଏ ଧରା ପଡ଼ିଗଲା ତା'କୁ ଚୋର କୁହନ୍ତି । ଯେମିତି ଅଫିସରେ ଜଣେ ବ୍ୟକ୍ତି ଧରା ପଡ଼ିଗଲା, ତା'କୁ ଚୋର କୁହନ୍ତି, ତେବେ କ'ଣ ଅଫିସରେ ଆଉ କେହି ଚୋର ନାହାନ୍ତି ?

**ପ୍ରଶ୍ନକର୍ତ୍ତା :** ସମସ୍ତେ ଅଟନ୍ତି ।

**ଦାଦାଶ୍ରୀ :** ଧରା ପଡ଼ିନାହାନ୍ତି, ସେ ପର୍ଯ୍ୟନ୍ତ ସାହୁକାର । ପ୍ରକୃତିର ନ୍ୟାୟ ତ' କେହି ପ୍ରକାଶ କରି ହିଁ ନାହାନ୍ତି । ବହୁତ ସିଧା ଏବଂ ସଠିକ ଅଟେ । ସେଥିପାଇଁ ତ ନିବେଡ଼ା(ସମାଧାନ) ଆସିଯାଏ ନା ! ସର୍ଟ କର୍ଟ ! 'ଯିଏ ଭୋଗେ ତା'ର ଭୁଲ', ଏହି ଗୋଟିଏ ହିଁ ବାକ୍ୟ ବୁଝିବା ଦ୍ୱାରା ସଂସାରର ବହୁତ କିଛି ବୋଝ ଖାଲି ହୋଇଯାଏ ।

ଭଗବାନଙ୍କ କାନୁନ କ'ଣ କୁହେ ଯେ ଯେଉଁ କ୍ଷେତ୍ରରେ, ଯେଉଁ ସମୟରେ, ଯିଏ ଭୋଗୁଛି, ସେ ନିଜେ ହିଁ ଦୋଷୀ । ସେଥିରେ କାହାକୁ, ଓକିଲକୁ ମଧ୍ୟ ପଚାରିବାର ଆବଶ୍ୟକତା ନାହିଁ । କାହାର ପକେଟମାର ହୋଇଯାଏ ତେବେ ଚୋରି କରିବାବାଲା ପାଇଁ ତ ଆନନ୍ଦର କଥା, ସେ ତ ଜିଲାପି ଖାଉଥିବ, ହୋଟେଲରେ ଚାହା-ପାଣି ଆଉ ଜଳଖିଆ କରୁଥିବ ଆଉ ଠିକ୍ ସେହି ସମୟରେ ଯାହାର ପକେଟମାର ହୋଇଛି, ସେ ଭୋଗୁଥିବ । ଏଣୁ ଭୋଗିବାବାଲାର ଭୁଲ । ସେ ପୂର୍ବରୁ କେବେ ଚୋରି କରିଥିବ, ସେଥିପାଇଁ ଆଜି ଧରା ପଡ଼ିଗଲା ଆଉ ପକେଟମାର କରିବାବାଲା ଯେବେ ଧରାପଡ଼ିବ, ସେତେବେଳେ ଚୋର କୁହାଯିବ ।

ମୁଁ କେବେ ତୁମର ଭୁଲ ଖୋଜିବା ପାଇଁ ବସିବି ହିଁ ନାହିଁ । ସାରା ଜଗତ ସାମ୍ନାବାଲାର ଭୁଲ ଦେଖେ । ଭୋଗେ ନିଜେ, କିନ୍ତୁ ଭୁଲ ସାମ୍ନାବାଲାର ଦେଖେ । ଓଲଟା ଏହାଦ୍ୱାରା ତ ଦୋଷ ଦୁଇଗୁଣା ହୋଇଚାଲେ ଏବଂ ବ୍ୟବହାର ମଧ୍ୟ ଜଟିଳ ହୋଇଚାଲେ । ଏହି କଥା ବୁଝିଗଲେ ଜଟିଳତା କମ ହୋଇଚାଲିବ ।

## ମୋରବୀର ବନ୍ୟା, କ'ଣ କାରଣ ?

ମୋରବୀ(ଗୁଜରାଟର ଏକ ସହର) ସହରରେ ଯେଉଁ ବନ୍ୟା ଆସିଥିଲା ଆଉ ଯାହା କିଛି ବି ହେଲା, ସେସବୁ କିଏ କଲା ? ତାହା ଟିକିଏ ଖୋଜି ବାହାର କର । କିଏ କରିଥିଲା ସେସବୁ ?

ସେଥିପାଇଁ ମୁଁ ଗୋଟିଏ ହିଁ କଥା ଲେଖିଛି ଯେ ଏହି ଦୁନିଆରେ ଭୁଲ କାହାର? ନିଜକୁ ବୁଝିବା ପାଇଁ ଗୋଟିଏ ହିଁ କଥାକୁ ଦୁଇ ପ୍ରକାରେ ବୁଝିବାର ଅଛି । ଭୋଗିବାବାଲାକୁ 'ଯିଏ ଭୋଗେ ତା'ର ଭୁଲ', ଏହି କଥା ବୁଝିବାର ଅଛି ଆଉ ଦେଖିବାବାଲାକୁ 'ମୁଁ ତା'ର ସାହାଯ୍ୟ କରି ପାରୁନାହିଁ, ମୋତେ ସାହାଯ୍ୟ କରିବା ଉଚିତ୍' ଏହିଭଳି ଦେଖିବା କଥା ।

ଏ ଜଗତର ନିୟମ ଏପରି ଅଟେ ଯେ ଯାହା ଆଖିକୁ ଦେଖାଯାଏ, ତାହାକୁ ଭୁଲ କୁହନ୍ତି । ଯେବେକି ପ୍ରକୃତିର ନିୟମ ଏପରି ଅଟେ ଯେ ଯିଏ ଭୋଗୁଛି ତା'ର ଭୁଲ ।

## ପ୍ରଭାବ ପଡ଼େ ସେଠି... ଜ୍ଞାନ ନା ବୁଦ୍ଧି ?

**ପ୍ରଶ୍ନକର୍ତ୍ତା :** ଖବରକାଗଜରେ ଯଦି ପଢୁ ଯେ ଔରଙ୍ଗାବାଦରେ ଏମିତି ହେଲା ବା ମୋରବୀରେ ଏମିତି ହେଲା ତେବେ ଆମ ଉପରେ ତାହାର ପ୍ରଭାବ ପଡ଼େ, ଯଦି ପଢ଼ିବା ପରେ କୌଣସି ବି ପ୍ରଭାବ ନ ପଡ଼େ, ତେବେ କ'ଣ ତାହାକୁ ଜଡ଼ତା କୁହାଯିବ ?

**ଦାଦାଶ୍ରୀ :** ପ୍ରଭାବ ନ ପଡ଼ିବା, ତାହାର ନାମ ଜ୍ଞାନ ।

**ପ୍ରଶ୍ନକର୍ତ୍ତା :** ଯଦି ପ୍ରଭାବ ପଡ଼େ, ତାହାକୁ କ'ଣ କୁହାଯିବ ?

**ଦାଦାଶ୍ରୀ :** ତାହାକୁ ବୁଦ୍ଧି କୁହାଯାଏ, ମାନେ ସଂସାର କୁହାଯାଏ । ବୁଦ୍ଧିଦ୍ୱାରା ଇମୋଶନାଲ୍ ହୋଇଯାନ୍ତି, କିନ୍ତୁ କିଛି କରନ୍ତି ନାହିଁ ।

ଏଠାରେ ଯୁଦ୍ଧ ସମୟରେ ପାକିସ୍ତାନବାଲା ବମ୍ ଫିଙ୍ଗିବା ପାଇଁ ଆସୁଥିଲେ, ଆମ ଲୋକେ ଯେତେବେଳେ ଏହା ପେପରରେ ପଢ଼ନ୍ତି ଯେ ସେଠାରେ ବମ୍ ପଡ଼ିଲା ସେତେବେଳେ ଏଠାରେ ବିଚଳିତ ହୋଇଯାନ୍ତି । ଯିଏ ଏସବୁ ପ୍ରଭାବ ପକାଏ, ତାହା ତାଙ୍କର ବୁଦ୍ଧି ଅଟେ ଆଉ ବୁଦ୍ଧି ହିଁ ସଂସାର ଛିଡ଼ା କରାଏ । ଜ୍ଞାନ ପ୍ରଭାବମୁକ୍ତ ରଖେ । ଖବରକାଗଜ ପଢ଼ିଲେ ମଧ୍ୟ ପ୍ରଭାବମୁକ୍ତ ରହେ । ପ୍ରଭାବମୁକ୍ତ ଅର୍ଥାତ୍ ଆମକୁ କିଛି ମଧ୍ୟ ଛୁଏଁ ନାହିଁ । ଆମକୁ ତ କେବଳ ଜାଣିବାର-ଦେଖିବାର ଅଛି ।

ଏ ପେପରକୁ କ'ଣ କରିବା ? ଜାଣିବା ଆଉ ଦେଖିବା, ବାସ୍ ! ଜାଣିବା ଅର୍ଥାତ୍ ଯାହାର ବିସ୍ତୃତ ବିବରଣ କରାଯାଇଥିବ, ତାହାକୁ ଜାଣିବା କୁହାଯାଏ ଆଉ ଯେବେ ବିସ୍ତୃତ ବିବରଣ ନ ହୋଇଥିବ ତେବେ ତାହାକୁ ଦେଖିବା କୁହାଯାଏ । ସେଥିରେ କାହାର ଦୋଷ ନାହିଁ ।

**ପ୍ରଶ୍ନକର୍ତ୍ତା :** କାଳ(ସମୟ) ର ଦୋଷ ଅଟେ ନା ?

**ଦାଦାଶ୍ରୀ :** କାଳର ଦୋଷ କିପରି ? ଯିଏ ଭୋଗେ ତା'ର ଭୁଲ । କାଳ

ତ' ବଦଳି ହିଁ ଚାଲିବ ନା? ଭଲ କାଳରେ କ'ଣ ଆମେ ସବୁ ନଥିଲେ? ଚବିଶ ତୀର୍ଥଙ୍କର ଥିଲେ, ସେତେବେଳେ କ'ଣ ଆମେ ନଥିଲେ?

**ପ୍ରଶ୍ନକର୍ତ୍ତା :** ଥିଲେ ।

**ଦାଦାଶ୍ରୀ :** ତେବେ ସେଦିନ ଆମେ ଚଟଣି ଖାଇବାରେ ଲାଗି ରହିଲେ, ସେଥିରେ କାଳ ବିଚରା କ'ଣ କରିବ? କାଳ ତ' ମନକୁ ମନ ଆସି ଚାଲିବ ନା! ଦିନରେ କାମ କରିବା ନାହିଁ ତଥାପି ରାତି ତ ଆସିବ ନା?

**ପ୍ରଶ୍ନକର୍ତ୍ତା :** ହଁ ।

**ଦାଦାଶ୍ରୀ :** ପୁଣି ରାତି ଦି'ଟାରେ ଚଣା ଆଣିବା ପାଇଁ ପଠାଇବା ତେବେ ଦୁଇଗୁଣା ମୂଲ୍ୟ ଦେବା ପରେ ମଧ୍ୟ କେହି ଦେବେ?

## ଲୋକଙ୍କୁ ଲାଗେ, ଏହା ଓଲଟା ନ୍ୟାୟ

ଏକ ସାଇକେଲବାଲା, ତା'ର ରାଇଟ ୱେ(ଠିକ୍ ରାସ୍ତା)ରେ ଅଛି ଏବଂ ଏକ ସ୍କୁଟରବାଲା ଓଲଟା ରାସ୍ତାରୁ ଆସିଲା, ରଙ୍ଗ ୱେ ରୁ ଆଉ ସାଇକେଲବାଲାର ଗୋଡ଼ ଭାଙ୍ଗିଦେଲା । ଏବେ କାହାକୁ ଭୋଗିବାକୁ ପଡ଼ିଲା?

**ପ୍ରଶ୍ନକର୍ତ୍ତା :** ସାଇକେଲବାଲାକୁ, ଯାହାର ଗୋଡ଼ ଭାଙ୍ଗିଲା ତା'କୁ ।

**ଦାଦାଶ୍ରୀ :** ହଁ, ସେ ଦୁହିଁଙ୍କ ମଧ୍ୟରୁ ଆଜି କାହାକୁ ଭୋଗିବାକୁ ପଡୁଛି? ତେବେ କହିବା, 'ଯାହାର ଗୋଡ଼ ଭାଙ୍ଗିଲା, ତା'କୁ ।' ଆଉ ଆଜି ଏ ସ୍କୁଟରବାଲା *ନିମିତ୍ତରୁ* ପୂର୍ବର ହିସାବ ପରିଶୋଧ ହେଲା । ସ୍କୁଟରବାଲାକୁ ଏବେ କୌଣସି ଦୁଃଖ ନାହିଁ । ସେ ତ ଯେବେ ଧରାପଡ଼ିବ, ସେତେବେଳେ ତା'ର ଦୋଷ ସାମ୍ନାକୁ ଆସିବ । ଏଣୁ ଯିଏ ଭୋଗେ ତା'ର ଭୁଲ ।

**ପ୍ରଶ୍ନକର୍ତ୍ତା :** ଯାହାକୁ କ୍ଷତ ପହଞ୍ଚିଲା, ତା'ର କ'ଣ ଦୋଷ?

**ଦାଦାଶ୍ରୀ :** ତା' ଦୋଷ, ତା'ର ପୂର୍ବର ହିସାବ, ଯାହା ଆଜି ପରିଶୋଧ ହେଲା । ବିନା କିଛି ହିସାବରେ କାହାରିକୁ କିଛି ବି ଦୁଃଖ ହୋଇପାରିବ ନାହିଁ । ହିସାବ ସଫା(ପୂର୍ଣ୍ଣ) ହୋଇନାହିଁ, ତେବେ ଦୁଃଖ ହେବ । ଏହା ତା'ର ହିସାବ ଆସିଲା, ସେଥିପାଇଁ ଧରାପଡ଼ିଗଲା । ନହେଲେ ଏତେ ବଡ଼ ଦୁନିଆରେ ଅନ୍ୟ କେହି କାହିଁକି

ଧରାପଡ଼ିଲା ନାହିଁ ? ତୁମେ କିପରି ନିର୍ଭୟରେ ବୁଲୁଛ ? ତେବେ କହିବେ, 'ନିଜର ହିସାବ ଥିବ ତେବେ ହେବ, ହିସାବ ନଥିବ ତେବେ କ'ଣ ହୋଇପାରିବ ?' ଲୋକେ ଏପରି କୁହନ୍ତି ନା ?

**ପ୍ରଶ୍ନକର୍ତ୍ତା :** ଭୋଗିବାକୁ ପଡ଼ିବ ନାହିଁ, ତା ପାଇଁ କ'ଣ ଉପାୟ ଅଛି ?

**ଦାଦାଶ୍ରୀ :** ମୋକ୍ଷରେ ଯିବା । କାହାରିକୁ କିଞ୍ଚିତ୍ ମାତ୍ର ବି ଦୁଃଖ ଦେବା ନାହିଁ । ଯଦି କେହି ଦୁଃଖ ଦିଏ, ତାହାକୁ ଜମା କରିନେବା ତେବେ ନିଜର ବହିଖାତା ସଫା ହୋଇଯିବ । କାହାରିକୁ ନୂଆ ଦେବା ନାହିଁ, ନୂଆ ବ୍ୟାପାର ଆରମ୍ଭ କରିବା ନାହିଁ ଆଉ ଯେଉଁ ପୁରୁଣା ବାକି ଅଛି ତାହା ନିପଟାରା(ସମତାର ସହ ପୂରା) କରିଦେବା ତେବେ ପରିଶୋଧ ହୋଇଯିବ ।

**ପ୍ରଶ୍ନକର୍ତ୍ତା :** ତେବେ ଯାହାର ଗୋଡ଼ ଭାଙ୍ଗିଲା, ସେ ଭୋଗିବାବାଲାକୁ ଏପରି ମାନିବାର ଅଛି ଯେ ମୋର ଭୁଲ, ଆଉ ତା'କୁ ସ୍କୁଟରବାଲା ବିରୁଦ୍ଧରେ କିଛି ବି ନକରିବା ଉଚିତ୍ ?

**ଦାଦାଶ୍ରୀ :** କିଛି ନକରିବା ଉଚିତ୍, ଏପରି ନୁହେଁ । ମୁଁ କ'ଣ କହୁଛି ଯେ ମାନସିକ ପରିଣାମ ନ ବଦଳିବା ଉଚିତ୍ । ବ୍ୟବହାରରେ ଯାହାକିଛି ହେଉଥିବ, ତାହା ହେବାକୁ ଦିଅ କିନ୍ତୁ ମାନସିକ ରାଗ(ଆସକ୍ତି)-ଦ୍ୱେଷ ନହେବା ଉଚିତ । ଯାହାକୁ 'ମୋର ଭୁଲ' ଏପରି ବୁଝା ପଡ଼ିଗଲା, ତା'କୁ ରାଗ୍-ଦ୍ୱେଷ ହେବ ନାହିଁ ।

ବ୍ୟବହାରରେ ଯଦି ପୁଲିସବାଲା କୁହେ ଯେ ନାଁ ଲେଖାଅ, ତେବେ ଆମକୁ ଲେଖାଇବାକୁ ପଡ଼ିବ । ବ୍ୟବହାର ସବୁ କରିବାକୁ ପଡ଼ିବ କିନ୍ତୁ ନାଟକୀୟ, ଡ୍ରାମାଟିକ, ରାଗ୍-ଦ୍ୱେଷ ନକରିବା ଉଚିତ । ଆମକୁ 'ନିଜର ଭୁଲ ଅଟେ' ଯଦି ଏପରି ବୁଝା ପଡ଼ିଗଲା ତେବେ ପୁଣି ସେ ବିଚରା ସ୍କୁଟରବାଲାର କ'ଣ ଦୋଷ ? ଏ ଜଗତ ତ ଖୋଲା ଆଖିରେ ଦେଖୁଅଛି, ଏଣୁ ତା'କୁ ପ୍ରମାଣ ତ ଦେବାକୁ ହିଁ ହେବ, କିନ୍ତୁ ଆମକୁ ସ୍କୁଟରବାଲା ପ୍ରତି ରାଗ୍-ଦ୍ୱେଷ ନ ହେବା ଉଚିତ । କାହିଁକିନା ତା'ର ଭୁଲ ହିଁ ନାହିଁ । ଆମେ ଯେଉଁ ଏପରି ଆରୋପ ଲଗାନ୍ତି ଯେ 'ତା'ର ଭୁଲ' ତାହା ତୁମ ଦୃଷ୍ଟିରେ ଅନ୍ୟାୟ ଦେଖାଯାଏ ବୋଲି । କିନ୍ତୁ ବାସ୍ତବରେ ତୁମ ଦୃଷ୍ଟିରେ ଫରକ ହେବାଦ୍ୱାରା ଅନ୍ୟାୟ ଦେଖାଯାଏ ।

**ପ୍ରଶ୍ନକର୍ତ୍ତା :** ଠିକ କଥା ।

**ଦାଦାଶ୍ରୀ :** କେହି ତୁମକୁ ଦୁଃଖ ଦେଉଥିବ ତେବେ ତା'ର ଭୁଲ ନାହିଁ କିନ୍ତୁ ଯଦି ତୁମେ ଦୁଃଖ ଭୋଗୁଛ, ତେବେ ତାହା ତୁମର ଭୁଲ । ଏହା ପ୍ରକୃତିର ନିୟମ ଅଟେ । ଜଗତର କାନୁନ କିପରି ଅଟେ ? ଯିଏ ଦୁଃଖ ଦିଏ, ତା'ର ଭୁଲ ।

ଏହି ସୂକ୍ଷ୍ମକଥା ବୁଝିବା ତେବେ ସ୍ୱଷ୍ଟ ହେବ ନା, ତେବେଯାଇ ମଣିଷକୁ ସମାଧାନ ରହିବ ।

## ଉପକାରୀ, କର୍ମରୁ ମୁକ୍ତି ଦେବାବାଲା

ଏ ତ ବୋହୂ ମନରେ ଏପରି ଅଭିପ୍ରାୟ ବସିଯାଏ ଯେ, ମୋ ଶାଶୁ ମୋତେ ହଇରାଣ କରୁଛି । ଏହି କଥା ତା'କୁ ରାତି-ଦିନ ମନେ ରୁହେ ନା ଭୁଲିଯାଏ ?

**ପ୍ରଶ୍ନକର୍ତ୍ତା :** ମନେ ରୁହେ ।

**ଦାଦାଶ୍ରୀ :** ରାତି-ଦିନ ମନେ ରୁହେ । ଏଣୁ ପୁଣି ଶରୀର ଉପରେ ମଧ୍ୟ ପ୍ରଭାବ ପଡ଼େ । ପୁଣି ଅନ୍ୟ କିଛି ଭଲ ଜିନିଷ ବି ତା'କୁ ଦେଖାଯିବ ନାହିଁ । ଏଥିପାଇଁ ମୁଁ ତା'କୁ କ'ଣ ବୁଝାଏ ଯେ ୟାକୁ ଭଲ ଶାଶୁ ମିଳିଲା, ୟାକୁ ମଧ୍ୟ ଭଲ ଶାଶୁ ମିଳିଲା ଆଉ ତୁମକୁ ଏମିତି ଶାଶୁ କ'ଣ ପାଇଁ ମିଳିଲା ? ଏହା ତ ତୁମର ପୂର୍ବଜନ୍ମର ହିସାବ ଅଟେ, ଏବେ ପରିଶୋଧ କରିଦିଅ । କିଭଳି ପରିଶୋଧ କରିବାକୁ ହେବ, ତାହା ମଧ୍ୟ ମୁଁ ବତାଇ ଦିଏ, ଫଳରେ ସେ ସୁଖୀ ହୋଇଯିବ । କାହିଁକିନା ତା' ଶାଶୁ ଦୋଷୀ ନୁହେଁ । ଯିଏ ଭୋଗୁଛି, ତା'ର ଭୁଲ । ଅର୍ଥାତ୍ ସାମ୍ନାବାଲାର ଦୋଷ ନାହିଁ ।

ଜଗତରେ କାହାର ଦୋଷ ନାହିଁ, ଦୋଷ ବାହାର କରିବାବାଲାର ଦୋଷ । ଜଗତରେ କେହି ଦୋଷୀ ହିଁ ନାହିଁ । ସବୁ ନିଜ-ନିଜ କର୍ମର ଉଦୟରୁ ହିଁ ଅଟେ । ଯାହା ବି ଭୋଗୁଛେ, ତାହା ଆଜିର ଦୋଷ ନୁହେଁ । ପୂର୍ବଜନ୍ମର କର୍ମର ଫଳସ୍ୱରୂପ ସବୁ ହେଉଅଛି । ଆଜି ତ ତା'କୁ ପଶ୍ଚାତାପ ହେଉଛି କିନ୍ତୁ କଣ୍ଟ୍ରାକ୍ଟ(ଚୁକ୍ତି) ହୋଇ ସାରିଛି, ଏବେ କ'ଣ କରିହେବ ? ତାହାକୁ ପୂରା କରିବା ବିନା ଚାରା ହିଁ ନାହିଁ ।

ଏ ଦୁନିଆରେ, ଯଦି ତୁମକୁ କାହାର ଭୁଲ ଖୋଜି ବାହାର କରିବାର ଥିବ ତେବେ, 'ଯିଏ ଭୋଗୁଛି, ତା'ର ଭୁଲ ।' ବୋହୂ ଶାଶୁକୁ ଦୁଃଖ ଦେଉଥାଉ ଅବା ଶାଶୁ

ବୋହୂକୁ ଦୁଃଖ ଦେଉଥାଉ, ସେଥିରେ କାହାକୁ ଭୋଗିବାକୁ ପଡୁଛି ? ଶାଶୁକୁ । ତେବେ ଶାଶୁର ଭୁଲ । ଶାଶୁ ବୋହୂକୁ ଦୁଃଖ ଦେଉଥିବ, ତେବେ ବୋହୂକୁ ଏତିକି ବୁଝିନେବା ଉଚିତ୍ ଯେ ମୋର ଭୁଲ । ଏହି ଦାଦାଜୀଙ୍କ ଜ୍ଞାନ ଆଧାରରେ ବୁଝିନେବ ଯେ ମୋର ଭୁଲ ଥିବ, ସେଥିପାଇଁ ହିଁ ସେ ଗାଳି ଦେଉଛି । ଅର୍ଥାତ୍ ଶାଶୁର ଦୋଷ ବାହାର କରିବା ଉଚିତ ନୁହେଁ । ଶାଶୁର ଦୋଷ ବାହାର କରିବା ଦ୍ୱାରା ଅଧିକ ଜଟିଳ ହୋଇଯାଇଛି, କମ୍ପ୍ଲେକ୍ସ ହୋଇଚାଲିଛି । ଆଉ ଶାଶୁକୁ ବୋହୂ ହଇରାଣ କରୁଥିବ ତେବେ ଶାଶୁକୁ ଦାଦାଜୀଙ୍କ ଜ୍ଞାନ ଦ୍ୱାରା ବୁଝିନେବା ଉଚିତ୍ ଯେ ଯିଏ ଭୋଗେ ତା'ର ଭୁଲ, ଏହି ହିସାବରେ ମୋତେ ପୂରା କରିନେବା ଉଚିତ ।

ଶାଶୁ ବୋହୂ ସହ ଝଗଡ଼ା କରୁଥିବ, ତଥାପି ବୋହୂ ମଜାରେ ଥିବ ଆଉ ଶାଶୁକୁ ହିଁ ଭୋଗିବାକୁ ପଡ଼େ, ତେବେ ଭୁଲ ଶାଶୁର ଅଟେ । ବଡ଼ ଯାଆକୁ ଉସକେଇବା ପରେ ଯଦି ତୁମକୁ ଭୋଗିବାକୁ ପଡ଼େ ତେବେ ତାହା ତୁମର ଭୁଲ ଆଉ କିଛି ନ କରି ମଧ୍ୟ ତଥାପି ଯଦି ସେ ଦେବାକୁ(ଦୁଃଖ ଦେବାକୁ) ଆସେ, ତେବେ ପୂର୍ବଜନ୍ମର କିଛି ହିସାବ ବାକିଥିବ, ତାହା ପରିଶୋଧ କଲା । ସେତେବେଳେ ତୁମେ ପୁନର୍ବାର ଭୁଲ କର ନାହିଁ, ନହେଲେ ପୁନର୍ବାର ଭୋଗିବାକୁ ପଡ଼ିବ । ଏଣୁ ଯଦି ଛୁଟିବାର ଅଛି, ତେବେ ଯାହା କିଛି ବି କଷା-ମିଠା(ଗାଳି ଇତ୍ୟାଦି) ଆସେ, ତାହାକୁ ଜମା କରିନିଅ । ହିସାବ ପୂରା ହୋଇଯିବ । ଏହି ଜଗତରେ ବିନା ହିସାବରେ ଆଖିରେ ଆଖି ମଧ୍ୟ ମିଶେ ନାହିଁ, ତେବେ ପୁଣି ଅନ୍ୟ ସବୁ ବିନା ହିସାବରେ ହେଉଥିବ ? ତୁମେ ଯେତିକି-ଯେତିକି ଯାହାକୁ ଦେଇଥିବ, ସେତିକି-ସେତିକି ତୁମକୁ ମିଳିବ, ସେତେବେଳେ ତୁମେ ଖୁସି ହୋଇ ଜମା କରିନେବ ଯେ, ହଁ, ଏବେ ମୋର ହିସାବ ପୂରା ହେବ । ନଚେତ ଯଦି ଭୁଲ କରିବ ତେବେ ପୁଣି ଥରେ ଭୋଗିବାକୁ ହିଁ ପଡ଼ିବ ।

ମୁଁ 'ଯିଏ ଭୋଗେ ତା'ର ଭୁଲ' ଏ ସୂତ୍ର ପ୍ରକାଶିତ କରିଛି, ଲୋକେ ଏହାକୁ ଆଶ୍ଚର୍ଯ୍ୟ ମାନୁଛନ୍ତି ଯେ କେତେ ସଠିକ ଆବିଷ୍କାର ଅଟେ ଏହା !

## ଗିୟରରେ ଆଙ୍ଗୁଳି ଫସିଲା, ଭୁଲ କାହାର ?

ଯିଏ ସୁଖଃ-ଦୁଖଃ ଭୋଗେ, ସେ ହିଁ କର୍ତ୍ତା । କର୍ତ୍ତା ତାହା ହିଁ ବିକଳ୍ପ । ନିଜ ଦ୍ୱାରା ତିଆରି ହୋଇଥିବା ମେସିନାରୀ(ଯନ୍ତ୍ର) ହୋଇଥିବ ଏବଂ ସେଥିରେ ଗିୟର

ହ୍ୱୀଲ ଥିବ ଆଉ ସେଥିରେ ତୁମ ଆଙ୍ଗୁଳି ଫଶିଯାଏ ତେବେ ସେ ମେସିନ୍‌କୁ ଯଦି ତୁମେ ଲକ୍ଷେ ଥର କହିବ ଯେ ‘ଭାଇ, ମୋ ଆଙ୍ଗୁଳି, ମୁଁ ନିଜେ ତୋତେ ତିଆରି କରିଛି, ତେବେ କ’ଣ ସେ ଗିୟର ହ୍ୱୀଲ ତୁମ ଆଙ୍ଗୁଳି ଛାଡ଼ିଦେବ ?’ ଛାଡ଼ିବ ନାହିଁ । ସେ ତ ତୁମକୁ ବୁଝାଏ ଯେ ଭାଇ, ଏଥିରେ ମୋର କ’ଣ ଦୋଷ ? ତୁ ଭୋଗିଲୁ ଏଥିପାଇଁ ତୋର ଭୁଲ । ସେହିଭଳି ବାହାରେ ସର୍ବତ୍ର କେବଳ ମେସିନାରୀ ହିଁ ଅଛି । ଏ ସବୁ ଲୋକେ କେବଳ ଗିୟର ହିଁ ଅଟନ୍ତି । ଗିୟର ନ ହୋଇଥିଲେ ପୁରା ମୁମ୍ବାଇରେ କେଉଁ ସ୍ତ୍ରୀ, ତା’ ସ୍ୱାମୀକୁ ଦୁଃଖ ଦେଇ ନଥାନ୍ତା । ଆଉ କେଉଁ ସ୍ୱାମୀ, ତା’ ସ୍ତ୍ରୀକୁ ଦୁଃଖ ଦେଇ ନଥାନ୍ତା । ନିଜ ପରିବାରକୁ ତ ସମସ୍ତେ ସୁଖରେ ହିଁ ରଖିବେ କିନ୍ତୁ ଏପରି ନୁହେଁ । ଏ ପିଲାମାନେ, ସ୍ୱାମୀ–ସ୍ତ୍ରୀ ସମସ୍ତେ କେବଳ ମେସିନାରୀ ହିଁ ଅଟନ୍ତି, କେବଳ ଗିୟର ଅଟନ୍ତି ।

## ପାହାଡ଼କୁ ଓଲଟା ପଥର ମାରିବ ?

**ପ୍ରଶ୍ନକର୍ତ୍ତା :** କେହି ଆମକୁ ପଥର ମାରେ ଆଉ ତାହାଦ୍ୱାରା ଆମକୁ କ୍ଷତ ପହଞ୍ଚେ ତେବେ ଆହୁରି ଅଧିକ ଉଦ୍‌ବେଗ ହୁଏ ।

**ଦାଦାଶ୍ରୀ :** କ୍ଷତ ହେଲେ ଅଧିକ ଉଦ୍‌ବେଗ ହୁଏ, ନୁହେଁ ? କିନ୍ତୁ ପାହାଡ଼ ଉପରୁ ଗଡ଼ି ଗଡ଼ି ଆସି ପଥର ଖଣ୍ଡିଏ ମୁଣ୍ଡ ଉପରେ ପଡ଼େ ଆଉ ରକ୍ତ ବାହାରେ ତେବେ ?

**ପ୍ରଶ୍ନକର୍ତ୍ତା :** ସେ ପରିସ୍ଥିତିରେ ଆମେ ଏପରି ମାନିବୁ ଯେ କର୍ମର ଅଧୀନରେ ଆମକୁ କ୍ଷତ ହେବାର ଥିବ, ସେଥିପାଇଁ ହେଲା ।

**ଦାଦାଶ୍ରୀ :** କିନ୍ତୁ, ପାହାଡ଼କୁ ଗାଳି ଦେବନାହିଁ ? ରାଗିବ ନାହିଁ ସେ ସମୟରେ ?

**ପ୍ରଶ୍ନକର୍ତ୍ତା :** ସେଥିରେ ରାଗ ଆସିବାର କାରଣ ନାହିଁ । କାହିଁକିନା, ଏହା କିଏ କଲା, ତା’କୁ ଆମେ ଚିହ୍ନିନାହୁଁ ।

**ଦାଦାଶ୍ରୀ :** ସେଠାରେ କିପରି ବୋଧ ଆସିଯାଏ ? ! ସହଜରୂପେ ଆସିଯାଏ ନା ନାହିଁ ? ସେହିପରି ଏମାନେ ସମସ୍ତେ ପାହାଡ଼ ହିଁ ଅଟନ୍ତି । ଯେଉଁମାନେ ପଥର ମାରୁଛନ୍ତି, ଗାଳି ଦେଉଛନ୍ତି, ଚୋରି କରୁଛନ୍ତି, ସେମାନେ ସମସ୍ତେ ପାହାଡ଼ ହିଁ

ଅଟନ୍ତି, ଚେତନ ନୁହଁନ୍ତି । ଏହା ଯଦି ବୁଝା ପଡ଼ିଯିବ ତେବେ କାମ ହୋଇଯିବ ।

କେହି ଦୋଷୀ ଦେଖାଯାଉଛି, ତାହା ତୁମ ଭିତରେ ବସିଥିବା ଶତ୍ରୁ କ୍ରୋଧ-ମାନ-ମାୟା-ଲୋଭ, ସେମାନେ ଏପରି ଦେଖାଉଛନ୍ତି । ନିଜ ଦୃଷ୍ଟିରେ ସେ ଦୋଷୀ ଦେଖାଯାଏ ନାହିଁ, କ୍ରୋଧ-ମାନ-ମାୟା-ଲୋଭ ଦେଖାନ୍ତି । ଯାହାର କ୍ରୋଧ-ମାନ-ମାୟା-ଲୋଭ ନାହିଁ, ତା'କୁ କେହି ଦୋଷୀ ଦେଖାଇବା ପାଇଁ ହିଁ ନାହିଁ, ଆଉ ତା'କୁ କେହି ଦୋଷୀ ଦେଖାଯାନ୍ତି ମଧ୍ୟ ନାହିଁ । ବାସ୍ତବରେ ଦୋଷୀ ଭଳି କେହି ନଥାନ୍ତି । ଏ ତ, କ୍ରୋଧ-ମାନ-ମାୟା-ଲୋଭ ପଶି ଯାଇଛନ୍ତି ଆଉ ସେମାନେ 'ମୁଁ ଚନ୍ଦୁଭାଇ ଅଟେ' ଏପରି ମାନିବା ଦ୍ୱାରା ପଶି ଯାଇଛନ୍ତି । 'ମୁଁ ଚନ୍ଦୁଭାଇ ଅଟେ' ଏହି ମାନ୍ୟତା ଚାଲିଯିବ ତେବେ କ୍ରୋଧ-ମାନ-ମାୟା-ଲୋଭ ଚାଲିଯିବେ । ତଥାପି ଘରଖାଲି କରିବା ପାଇଁ ସେମାନଙ୍କୁ ଟିକେ ବିଳମ୍ବ ହେବ, କାରଣ ଅନେକ ଦିନ ହେଲାଣି ପଶି ରହିଛନ୍ତି ନା !

## ଏହା ତ ସଂସ୍କାରି ପ୍ରଥା-ପରମ୍ପରା

**ପ୍ରଶ୍ନକର୍ତ୍ତା :** ଏକରେ ତ ନିଜେ ଦୁଃଖ ଭୋଗୁଥାଏ, ଏବେ ସେ ନିଜର ଭୁଲ ଯୋଗୁଁ ଭୋଗେ । ସେଠାରେ ଲୋକମାନେ ନିଜର ଆବଶ୍ୟକତା ଠାରୁ ଅଧିକ ଚାଲାକି ଦେଖାଇ ଆସନ୍ତି ଯେ, 'ଆରେ, କ'ଣ ହେଲା, କ'ଣ ହେଲା ?' କିନ୍ତୁ ଏଥିରେ ଏପରି କହି ପାରିବୁ ଯେ ସେମାନଙ୍କୁ ଏଥିରୁ କ'ଣ ନେବା-ଦେବା ? ସେ ତା'ର ଭୁଲ ଯୋଗୁ ଭୋଗୁଛି । ଆପଣମାନେ ତା' ଦୁଃଖ ନେଇ ପାରିବେ ନାହିଁ ।

**ଦାଦାଶ୍ରୀ :** ଏପରି ଅଟେ, ଏ ଯେଉଁ ପଚାରିବାକୁ ଆସନ୍ତି, ଭେଟିବାକୁ ଆସନ୍ତି, ସେମାନେ ନିଜର ବହୁତ ଉଚ୍ଚ ସଂସ୍କାରର ନିୟମ ଆଧାରରେ ଆସନ୍ତି । ଏପରି ଭେଟିବାକୁ ଆସିବା ମାନେ କ'ଣ ଯେ ସେଠାକୁ ଯାଇ ସେ ବ୍ୟକ୍ତିକୁ ପଚାରନ୍ତି, 'କେମିତି ଅଛ ଭାଇ, ଏବେ ତୁମକୁ କେମିତି ଲାଗୁଛି ?' ସେତେବେଳେ ସେ କହିବ, 'ଠିକ ଅଛି ଏବେ ।' ତା' ମନରେ ଏପରି ହୁଏ ଯେ 'ଓହୋହୋ, ମୋର ଏତେ ଭାଲ୍ୟୁ(ଗୁରୁତ୍ୱ) ! କେତେ ସବୁ ଲୋକ ମୋତେ ଭେଟିବା ପାଇଁ ଆସୁଛନ୍ତି !' ଏହା ଦ୍ୱାରା ନିଜର ଦୁଃଖ ଭୁଲିଯାଏ ।

## ଗୁଣାକାର-ଭାଗାକାର

ଜୋଡ଼ିବା ଏବଂ କମ୍ ହେବା, ଏ ଦୁଇ ନେଚୁରଲ ଏଡ଼ଜଷ୍ଟମେଣ୍ଟ ଅଟେ ଆଉ ଗୁଣାକାର-ଭାଗାକାର, ଏ ମନୁଷ୍ୟ ବୁଦ୍ଧି ଦ୍ୱାରା କରୁଥାନ୍ତି । ଅର୍ଥାତ ରାତିରେ ଶୋଇବା ସମୟରେ ମନରେ ବିଚାର କରେ ଯେ ଏ ପ୍ଲଟ ମହଙ୍ଗା ପଡୁଛି, ସେଠାରେ ଶସ୍ତା ଅଛି, ତାହା ମୁଁ ନେଇ ନେବି । ଏହିଭଳି ଭିତରେ ଗୁଣାକାର କରେ । ଅର୍ଥାତ୍ ସୁଖର ଗୁଣାକାର କରେ ଏବଂ ଦୁଃଖର ଭାଗାକାର କରେ । ସେ ସୁଖର ଗୁଣା କରେ ସେଥିପାଇଁ ପୁଣି ଭୟଙ୍କର ଦୁଃଖର ପ୍ରାପ୍ତି ହୁଏ ଆଉ ଦୁଃଖର ଭାଗାକାର କରେ ତଥାପି ଦୁଃଖ କମ ହୁଏ ନାହିଁ । ସୁଖର ଗୁଣା କରନ୍ତି ନା ନାହିଁ ? 'ଏମିତି ହେଲେ ଭଲ ହୁଅନ୍ତା, ଏମିତି ହେଲେ ଭଲ ହୁଅନ୍ତା', କରନ୍ତି ନା ନାହିଁ ? ଆଉ ଏ ପ୍ଲସ-ମାଇନସ ହୁଏ, ଦିସ୍ ଇଜ୍ ନେଚୁରଲ ଏଡ଼ଜଷ୍ଟମେଣ୍ଟ । ଯଦି ଦୁଇଶହ ଟଙ୍କା ହଜିଗଲା ଅବା ବ୍ୟାପାରରେ ପାଞ୍ଚ ହଜାର ଟଙ୍କାର କ୍ଷତି ହୋଇଗଲା ତେବେ ତାହା ନେଚୁରଲ ଏଡ଼ଜଷ୍ଟମେଣ୍ଟ ଅଟେ । କେହି ଦୁଇ ହଜାର ଟଙ୍କା ପକେଟମାର କରିଦେଲା, ତାହା ମଧ୍ୟ ନେଚୁରଲ ଏଡ଼ଜଷ୍ଟମେଣ୍ଟ ଅଟେ । 'ଯିଏ ଭୋଗେ ତା'ର ଭୁଲ', ଏହା ମୁଁ ଜ୍ଞାନରେ ଦେଖି ଗ୍ୟାରେଣ୍ଟିର ସହ କହୁଛି ।

**ପ୍ରଶ୍ନକର୍ତ୍ତା :** ଏପରି କୁହନ୍ତି ଯେ ସୁଖର ଗୁଣା କରୁଛୁ, ସେଥିରେ କ'ଣ ଭୁଲ ?

**ଦାଦାଶ୍ରୀ :** ଗୁଣା କରିବାର ଅଛି ତେବେ ଦୁଃଖର କର, ସୁଖର କରିବ ତେବେ ମହା ଅସୁବିଧାରେ ଆସିଯିବ । ଗୁଣା କରିବାର ସଉକ ଥିବ ତେବେ ଦୁଃଖର କରିବ ଯେ, ମୁଁ କାହାକୁ ଗୋଟିଏ ଚାପୁଡ଼ା ମାରିଲି, ଆଉ ସେ ମୋତେ ଦୁଇ ଚାପୁଡ଼ା ମାରିଲା ତାହା ବହୁତ ଭଲ ହେଲା, ଏମିତି ଆଉ ଯଦି କେହି ମାରିବାବାଲା ମିଳିବେ ତେବେ ବହୁତ ଭଲ ହେବ । ଏହା ଦ୍ୱାରା ଆମ ଜ୍ଞାନ ବଢ଼ିଚାଲିବ । ଯଦି ଦୁଃଖର ଗୁଣା କରିବା ନ ରୁଚେ ତେବେ ନ କର କିନ୍ତୁ ସୁଖର ଗୁଣା ତ କରିବ ହିଁ ନାହିଁ !

## ହୋଇଗଲେ ପ୍ରଭୁଙ୍କ ଅପରାଧୀ

'ଯିଏ ଭୋଗେ ତା'ର ଭୁଲ', ଏହା ଭଗବାନଙ୍କ ଭାଷା ଅଟେ । ଆଉ ଏଠି ଯିଏ ଚୋରି କଲା, ଲୋକେ ତା'କୁ ଅପରାଧୀ ମାନନ୍ତି । କୋର୍ଟ ମଧ୍ୟ ଚୋରି

କରିବାବାଲାକୁ ହିଁ ଅପରାଧୀ ମାନେ ।

ଅର୍ଥାତ ଏ ବାହାରର ଅପରାଧ ରୋକିବା ପାଇଁ ଲୋକମାନେ ଭିତରର ଅପରାଧ ଆରମ୍ଭ କଲେ । ଯାହାଦ୍ୱାରା ଭଗବାନଙ୍କ ଅପରାଧୀ ହୋଇଯାନ୍ତି, ସେଭଳି ଅପରାଧ ଆରମ୍ଭ କଲେ । ଆରେ, ଭଗବାନଙ୍କ ଅପରାଧୀ ହୁଅ ନାହିଁ । ଏଠାକାର ଅପରାଧ ହେବ ତେବେ କିଛି ଅସୁବିଧା ନାହିଁ । ଦୁଇମାସ ଜେଲ ଯାଇ ପୁଣି ଫେରି ଆସିବ, କିନ୍ତୁ ଭଗବାନଙ୍କ ଅପରାଧୀ ହୁଅ ନାହିଁ । ତୁମକୁ ବୁଝା ପଡ଼ିଲା ? ଯଦି ଏହି ସୂକ୍ଷ୍ମ କଥା ବୁଝା ପଡ଼ିଯାଏ ତେବେ କାମ ହୋଇଯିବ । 'ଯିଏ ଭୋଗେ ତା'ର ଭୁଲ' ଏହା ତ ଅନେକ ଲୋକ ବୁଝି ସାରିଲେଣି । କାହିଁକିନା ଏମାନେ ସମସ୍ତେ କ'ଣ ଏମିତି-ସେମିତି ଲୋକ ? ବହୁତ ବିଚାରଶୀଳ ଲୋକ ଅଟନ୍ତି ! ମୁଁ ଥରେ ବୁଝାଇ ଦେଇଥିଲି । ଏବେ ଯଦି ବୋହୂ ଶାଶୁକୁ ଦୁଃଖ ଦେଉଥିବ ଆଉ ଶାଶୁ ଏ ଗୋଟିଏ ସୂତ୍ର ଶୁଣି ରଖିଥିବ ଯେ 'ଯିଏ ଭୋଗେ ତା'ର ଭୁଲ', ତେବେ ବୋହୂର ବାରମ୍ବାର ଦୁଃଖ ଦେବା କଥାରେ ସେ ତୁରନ୍ତ ବୁଝିଯିବ ଯେ ମୋର ହିଁ ଭୁଲ ଥିବ, ସେଥିପାଇଁ ସେ ଦୁଃଖ ଦେଉଛି ନା ! ତେବେଯାଇ ତାହାର ନିବେଡ଼ା(ସମାଧାନ ପୂର୍ବକ ଅନ୍ତ) ଆସିବ, ନହେଲେ ନିବେଡ଼ା ଆସିବ ନାହିଁ ଆଉ ବୈରୀ ବଢ଼ିଚାଲିବ ।

## ବୁଝିବା କଠିନ କିନ୍ତୁ ବାସ୍ତବିକତା

ଅନ୍ୟ କାହାର ଭୁଲ ନାହିଁ । ଯାହା କିଛି ବି ଭୁଲ ଅଛି ତାହା ନିଜର ହିଁ ଭୁଲ । ନିଜ ଭୁଲ ଦ୍ୱାରା ଏସବୁ ସୃଷ୍ଟି ହୋଇଛି । ଏହାର ଆଧାର କ'ଣ ? ତେବେ କହିବା, 'ନିଜର ଭୁଲ' ।

**ପ୍ରଶ୍ନକର୍ତ୍ତା :** ବିଳମ୍ବରେ ହେଉ ପଛେ, କିନ୍ତୁ ବୁଝା ପଡୁଛି ।

**ଦାଦାଶ୍ରୀ :** ବିଳମ୍ବରେ ବୁଝାପଡ଼େ, ତାହା ଭଲ । ଗୋଟିଏ ପଟେ ଶରୀର ଶିଥିଳ ହୋଇ ଚାଲିଥାଏ ଏବଂ ସାଥେ ସାଥେ ବୁଝା ପଡୁଥାଏ । ତା'ର ତ କାମ ହୋଇଯିବ ! କିନ୍ତୁ ଶରୀର ମଜବୁତ ଥିବ, ସେତେବେଳେ ଯଦି ବୁଝିଥିବ ତେବେ ?

ମୁଁ 'ଯିଏ ଭୋଗେ ତା'ର ଭୁଲ' ସୂତ୍ର ଦେଇଛି ନା, ତାହା ସମସ୍ତ ଶାସ୍ତ୍ରର ସାର ଦେଇଛି । ତୁମେ ଯଦି ମୁମ୍ବାଇ ଯାଅ ତେବେ ସେଠି ହଜାର-ହଜାର ଘରେ ଏ ସୂତ୍ର ଲେଖା ହୋଇଛି, ବଡ଼ ବଡ଼ ଅକ୍ଷରରେ 'ଯିଏ ଭୋଗେ ତା'ର ଭୁଲ' । ଯେବେ

କେବେ ଗ୍ଲାସ ଭାଙ୍ଗିଯାଏ, ସେତେବେଳେ ପିଲାମାନେ ସାମ୍ନା-ସାମ୍ନି ଦେଖି କହି ଦିଅନ୍ତି ଯେ 'ମମ୍ମୀ, ଆପଣଙ୍କର ଭୁଲ' । ପିଲାମାନେ ମଧ୍ୟ ବୁଝିଯାନ୍ତି, ହଁ । ମମ୍ମୀକୁ କୁହନ୍ତି, 'ଆପଣଙ୍କ ମୁହଁ ଟେଢ଼ା ହୋଇଛି, ଏହା ଆପଣଙ୍କର ଭୁଲ ।' ଦହିକଢ଼ିରେ ଲୁଣ ଅଧିକ ହୋଇଯାଇଛି, ସେତେବେଳେ ଆମକୁ ଦେଖିନେବାର ଅଛି ଯେ କାହା ମୁହଁ ବିଗିଡ଼ିଲା ? ହଁ, ତା'ର ଭୁଲ । ଡାଲି ଢ଼ଳି ଗଲା ତେବେ ଦେଖିନେବ, କାହା ମୁହଁ ବିଗିଡ଼ିଲା ? ତା'ର ଭୁଲ । ତରକାରୀରେ ରାଗ(ଲଙ୍କା) ଅଧିକ ହୋଇଯାଇଛି ତେବେ ସମସ୍ତଙ୍କ ମୁହଁ ଦେଖିନେବ ଯେ କାହା ମୁହଁ ବିଗିଡ଼ିଲା ? ତେବେ ତା'ର ଭୁଲ ଅଟେ । ଭୁଲ କାହାର ? 'ଯିଏ ଭୋଗେ ତା'ର ଭୁଲ' ।

ତୁମକୁ ସାମ୍ନାବାଲାର ମୁହଁ ଫୁଲାହୁଆ ଦେଖାଗଲା ତେବେ ତାହା ତୁମର ଭୁଲ । ସେତେବେଳେ ତା'ର 'ଶୁଦ୍ଧାତ୍ମା'ଙ୍କୁ ସ୍ମରଣ କରି ତା' ନାମରେ କ୍ଷମା ମାଗିନେବ, ତେବେ ଋଣାନୁବନ୍ଧରୁ ମୁକ୍ତି ମିଳିବ ।

ୱାଇଫ(ସ୍ତ୍ରୀ) ତୁମ ଆଖିରେ ଔଷଧ ପକାଇଲା ଆଉ ତୁମ ଆଖିରେ ଯନ୍ତ୍ରଣା ହେବାକୁ ଲାଗିଲା ତେବେ ତାହା ତୁମର ଭୁଲ । ଯିଏ ସହେ, ତା'ର ଭୁଲ, ଏପରି ବୀତରାଗ କୁହନ୍ତି ଆଉ ଏ ସବୁ ଲୋକେ *ନିମିତ୍ତ*କୁ ଧରନ୍ତି !

ନିଜର ହିଁ ଭୁଲର ମାଡ଼ ପଡୁଛି । ଯିଏ ପଥର ଫିଙ୍ଗିଲା ତା'ର ଭୁଲ ନୁହେଁ, ଯାହାକୁ ପଥର ବାଜିଲା ତା'ର ଭୁଲ ! ତୁମ ଆଖାପଖ ପିଲା-ଛୁଆ ମାନଙ୍କର କିଭଳି ମଧ୍ୟ ଭୁଲ ଅବା ଦୁଷ୍କୃତ୍ୟ ହେଉ, କିନ୍ତୁ ଯଦି ତାହାର ପ୍ରଭାବ ତୁମ ଉପରେ ପଡୁନାହିଁ ତେବେ ତୁମର ଭୁଲ ନାହିଁ ଆଉ ଯଦି ତୁମ ଉପରେ ପ୍ରଭାବ ପଡୁଛି ତେବେ ତାହା ତୁମର ହିଁ ଭୁଲ ଅଟେ, ଏପରି ନିଶ୍ଚିତ ରୂପେ ବୁଝିନେବ !

## ଜମା-ଉଧାରର ନୂଆ ରୀତି

ଦୁଇଜଣ ବ୍ୟକ୍ତି(ଚନ୍ଦୁଭାଇ ଏବଂ ଲକ୍ଷ୍ମୀଚନ୍ଦ) ଅଛନ୍ତି । ଚନ୍ଦୁଭାଇ ଲକ୍ଷ୍ମୀଚନ୍ଦଙ୍କ ଉପରେ ଆରୋପ ଲଗାନ୍ତି ଯେ ତୁମେ ମୋ ସହ ବହୁତ ଖରାପ କଲ । ତେବେ ଲକ୍ଷ୍ମୀଚନ୍ଦକୁ ରାତିସାରା ନିଦ ଆସେ ନାହିଁ ଆଉ ସେ(ଚନ୍ଦୁଭାଇ) ଆରାମରେ ଶୋଇଯାଏ, ଏଣୁ ଭୁଲ ଲକ୍ଷ୍ମୀଚନ୍ଦର ଅଟେ । କିନ୍ତୁ ଦାଦାଜୀଙ୍କ ସୂତ୍ର, 'ଯିଏ ଭୋଗେ ତା'ର ଭୁଲ'

ତା'କୁ ମନେ ପଡ଼ିଯିବ ତେବେ ଲକ୍ଷ୍ମୀଚନ୍ଦ ମଧ୍ୟ ଶାନ୍ତିରେ ଶୋଇଯିବ ନଚେତ ତା'କୁ ଗାଳି ଦେଉଥିବ !

ଆପଣ କେଉଁ ସୁଲେମାନକୁ ପଇସା ଉଧାର ଦେଇଥିବେ ଆଉ ସେ ଛଅମାସ ପର୍ଯ୍ୟନ୍ତ ପଇସା ନ ଫେରାଏ, ତେବେ ? ଉଧାର କିଏ ଦେଇଥିଲା ? ଆପଣଙ୍କ ଅହଂକାର ! ସେ ପ୍ରୋତ୍ସାହିତ କଲା ଆଉ ଆପଣ ଦୟାଳୁ ହୋଇ ପଇସା ଦେଇଦେଲେ, ଏଣୁ ଏବେ ସୁଲେମାନ ଖାତାରେ ଜମାକରି, ଅହଂକାର ଖାତାରେ ଉଧାରି ଲେଖିଦିଅ ।

## ଏପରି ପୃଥକୀକରଣ ତ କର

ଯାହାର ଅଧିକ ଦୋଷ, ସେ ହିଁ ଏ ସଂସାରରେ ମାଡ଼ ଖାଏ । ମାଡ଼ କିଏ ଖାଉଛି ? ତାହା ଦେଖିନେବ । ଯିଏ ମାଡ଼ ଖାଉଛି, ସେ ଦୋଷୀ ଅଟେ ।

ଭୋଗିବାର ପରିମାଣରୁ ହିସାବ ବାହାରି ଆସେ ଯେ କେତେ ଭୁଲ ଥିଲା । ଘରେ ଦଶଜଣ ସଦସ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଘର କିପରି ଚଳୁଥିବ, ତାହାର ବିଚାର ମଧ୍ୟ ଆସେ ନାହିଁ । ଦୁଇଜଣ ଏପରି ଭାବନ୍ତି ଯେ ଘରେ ସାହାଯ୍ୟ କରିବା ଦରକାର । ଦୁଇ-ତିନି ଜଣ ଘର ଚଳାଇବାରେ ସାହାଯ୍ୟ କରନ୍ତି, ଜଣେ ତ ଘର କିପରି ଚଳେଇବି, ସେହି ଚିନ୍ତାରେ ହିଁ ଦିନସାରା ରହିଥାଏ ଆଉ ଦୁଇଜଣ ତ' ଆରାମରେ ଶୋଇ ରହିଥାନ୍ତି । ତେବେ ଭୁଲ କାହାର ? ଭାଇ, ଯିଏ ଭୋଗେ ତା'ର, ଯିଏ ଚିନ୍ତା କରେ ତା'ର । ଯିଏ ଆରାମରେ ଶୁଅନ୍ତି, ତାଙ୍କୁ ସେମିତି କିଛି ନାହିଁ ।

ଭୁଲ କାହାର ? ତେବେ କହିବା କିଏ ଭୋଗୁଛି, ଏହାର ସନ୍ଧାନ କର । ଚାକର ହାତରୁ ଦଶଟି ଗ୍ଲାସ ଭାଙ୍ଗିଗଲା ତେବେ ତାହାର ପ୍ରଭାବ ଘର ଲୋକଙ୍କ ଉପରେ ହେବ ନା ନାହିଁ ? ଏବେ ଘର ଲୋକମାନଙ୍କ ମଧ୍ୟରେ ପିଲାମାନଙ୍କୁ ତ କିଛି ଭୋଗିବା ପରି ହୁଏ ନାହିଁ, କିନ୍ତୁ ତାଙ୍କ ମା-ବାପା ଆକୁଳ ହେଉଥିବେ । ସେଥିରେ ମଧ୍ୟ ମା କିଛି ସମୟ ପରେ ଆରାମରେ ଶୋଇଯିବ, କିନ୍ତୁ ବାପ ହିସାବ କରୁଥିବ, ଯେ ପଚାଶ ଟଙ୍କାର କ୍ଷତି ହେଲା । ସେ ଅଧିକ ଏଲର୍ଟ(ସଜାଗ) ଅଟେ, ସେଥିପାଇଁ ଅଧିକ ଭୋଗିବ । 'ଯିଏ ଭୋଗେ ତା'ର ଭୁଲ' ।

ଆମକୁ ଭୁଲ ଖୋଜିବା ପାଇଁ ଯିବାକୁ ପଡ଼ିବ ନାହିଁ । ବଡ଼ବଡ଼ ଜଜ୍ ବା

ଓକିଲଙ୍କୁ ଖୋଜିବା ପାଇଁ ଯିବାକୁ ପଡ଼ିବ ନାହିଁ । ତାହା ଅପେକ୍ଷା ଏ ସୂତ୍ର ଦେଇଛି, ଏ ଥର୍ମୋମିଟର, ଯେ ‘ଯିଏ ଭୋଗେ ତା’ର ଭୁଲ’ । କେହି ଯଦି ଏତିକି ପୃଥକୀକରଣ କରି କରି ଆଗକୁ ବଢ଼ି ଚାଲିବ, ତେବେ ସିଧା ମୋକ୍ଷରେ ପହଞ୍ଚି ଯିବ ।

## ଭୁଲ, ଡାକ୍ତରର ନା ରୋଗୀର ?

ଡାକ୍ତର ରୋଗୀକୁ ଇଂଜେକ୍‌ଶନ ଦେଲା ଆଉ ଘରକୁ ଯାଇ ଆରାମରେ ଶୋଇଗଲା କିନ୍ତୁ ରୋଗୀକୁ ତ ରାତିସାରା ଇଂଜେକ୍‌ଶନର ଯନ୍ତ୍ରଣା ରହିଲା । ତେବେ ଏଥିରେ ଭୁଲ କାହାର ? ରୋଗୀର ! ଆଉ ଡାକ୍ତର ଯେବେ ଭୋଗିବ, ସେତେବେଳେ ତା’ର ଭୁଲ ଧରାପଡ଼ିବ ।

ଝିଅ ପାଇଁ ଡାକ୍ତର ଡାକିଲେ ଆଉ ସେ ଆସି ଦେଖେ ତ ନାଡ଼ି ଚାଲୁନାହିଁ, ସେତେବେଳେ ଡାକ୍ତର କ’ଣ କହିବ ? ‘ମୋତେ କାହିଁକି ଡାକିଲ ?’ ଆରେ, ତୁ ହାତ ଲଗେଇଲୁ ସେହିକ୍ଷଣି ଗଲା, ନହେଲେ ନାଡ଼ି ତ ଚାଲୁଥିଲା । କିନ୍ତୁ ଡାକ୍ତର ଫିସ୍ ବାବଦରେ ଦଶଟଙ୍କା ନେଇଯାଏ ଏବଂ ଓଲଟା ଗାଳି ମଧ୍ୟ ଦିଏ । ‘ଆରେ, ଗାଳି ଦେବାର ଅଛି ତେବେ ପଇସା ନେ ନାହିଁ ଆଉ ପଇସା ନେବାକୁ ଥିବ ତେବେ ଗାଳି ଦେ ନାହିଁ ।’ କିନ୍ତୁ ନା, ଫିସ୍ ତ’ ନେବ ହିଁ । ସେତେବେଳେ ପଇସା ଦେବାକୁ ପଡ଼େ । ଏପରି ଅଟେ ଏହି ଜଗତ । ଏଣୁ ଏହି କାଳରେ ନ୍ୟାୟ ଖୋଜିବ ନାହିଁ ।

**ପ୍ରଶ୍ନକର୍ତ୍ତା :** ଏପରି ମଧ୍ୟ ହୁଏ ଯେ ମୋ ଠାରୁ ଔଷଧ ନିଅନ୍ତି ଆଉ ମୋତେ ଗାଳି ମଧ୍ୟ ଦିଅନ୍ତି ।

**ଦାଦାଶ୍ରୀ :** ହଁ, ସେମିତି ମଧ୍ୟ ହୁଏ । ତଥାପି ସାମ୍ନାବାଲାକୁ ଦୋଷୀ ମାନିବ ତେବେ ତୁମେ ଦୋଷୀ ହୋଇଯିବ । ଏବେ ପ୍ରକୃତି ନ୍ୟାୟ ହିଁ କରୁଛି ।

ଅପରେଶନ କରୁ କରୁ ରୋଗୀ ମରିଗଲା ତେବେ ଭୁଲ କାହାର ?

ଚିକିଟା ମାଟିରେ ବୁଟ ପିନ୍ଧି ଚାଲିଲେ ଆଉ ଖସିଡ଼ିଗଲେ ତେବେ ସେଥିରେ ଦୋଷ କାହାର ? ଭାଇ, ତୋର ହିଁ ! ଏ ସମଝ୍(ବୁଦ୍ଧି) ନଥିଲା ଯେ ଖାଲି ପାଦରେ ଯଦି ଯାଇଥାନ୍ତେ ତେବେ ଆଙ୍ଗୁଳି ଚାପି ଚାପି ଯାଇଥାନ୍ତେ ଏବଂ ପଡ଼ି ନଥାନ୍ତେ ? ଏଥିରେ ଦୋଷ କାହାର ? ମାଟିର, ବୁଟର ନା ତୋର ?! ଯିଏ ଭୋଗେ ତା’ର ଭୁଲ । କେବଳ ଏତିକି ଯଦି ପୂର୍ଣ୍ଣ ରୂପରେ ବୁଝା ପଡ଼ିଯିବ ତେବେ ମଧ୍ୟ ତାହା ତୁମକୁ

ମୋକ୍ଷରେ ନେଇଯିବ । ଏ ଯେଉଁ ଲୋକଙ୍କର ଭୁଲ ଦେଖନ୍ତି, ତାହା ସମ୍ପୂର୍ଣ୍ଣ ଭୁଲ । ନିଜର ଭୁଲ ଅନୁସାରେ ହିଁ *ନିମିତ୍ତ* ମିଳେ । ଏ ତ ଜୀବନ୍ତ *ନିମିତ୍ତ* ବୋଲି ସେମାନଙ୍କୁ ମାରିବାକୁ ଦୌଡ଼େ ଆଉ ଯଦି କଣ୍ଟା ଫୋଡ଼ି ହୋଇଯିବ ତେବେ କ'ଣ କରିବୁ ? ରାସ୍ତାରେ କଣ୍ଟା ପଡ଼ିଥିବ, ହଜାରେ ଲୋକ ଚାଲିଗଲେ ତଥାପି କାହା ପାଦରେ ଫୋଡ଼ିହେଲା ନାହିଁ, କିନ୍ତୁ ଚନ୍ଦୁଭାଇ ବାହାରୁ ବାହାରୁ କଣ୍ଟା ତାଙ୍କ ପାଦରେ ଫୋଡ଼ି ହୋଇଯାଏ । 'ବ୍ୟବସ୍ଥିତ ଶକ୍ତି' କିପରି? ଯାହାକୁ କଣ୍ଟା ଲାଗିବାର ଥିବ ତା'କୁ ହିଁ ଲାଗିବ । ସବୁ ସଂଯୋଗ ଏକାଠି କରିଦେବ, କିନ୍ତୁ ସେଥିରେ *ନିମିତ୍ତ*ର କ'ଣ ଦୋଷ ?

ଯଦି କେହି ବ୍ୟକ୍ତି ଔଷଧ ଛିଞ୍ଚି କାଶ କରାଏ ତେବେ ତା'ସହ ଝଗଡ଼ା ହୋଇଯାଏ, କିନ୍ତୁ ଯେବେ ଲଙ୍କା ଛୁଙ୍କ ଦ୍ୱାରା କାଶ ଆସେ, ସେତେବେଳେ କ'ଣ ଝଗଡ଼ା ହୁଏ ? ଏ ତ ଯିଏ ଧରା ପଡ଼ିଯାଏ, ତା' ସାଙ୍ଗରେ ଲଢ଼ନ୍ତି । *ନିମିତ୍ତ*କୁ କାମୁଡ଼ିବା ପାଇଁ ଦୌଡ଼ନ୍ତି । କିନ୍ତୁ ଯଦି ସତ୍ୟତା ଜାଣିବା ଯେ କରିବାବାଲା କିଏ ଏବଂ କାହାଦ୍ୱାରା ହେଉଅଛି, ତେବେ ପୁଣି କ'ଣ କିଛି ଝଂଝଟ୍ ରହିବ ? ତୀର ଚଲାଇବାବାଲାର ଭୁଲ ନାହିଁ, ଯାହାକୁ ତୀର ବାଜିଲା, ତା'ର ଭୁଲ । ତୀର ଚଲାଇବାବାଲା ଯେବେ ଧରାପଡ଼ିବ, ସେତେବେଳେ ତା'ର ଭୁଲ । ଏବେ ତ ଯାହାକୁ ତୀର ବାଜିଲା, ସେ ଧରାପଡ଼ିଲା । ଯିଏ ଧରାପଡ଼ିଲା, ସେ ପ୍ରଥମ ଦୋଷୀ ଆଉ ଆନ୍ୟ ଜଣଙ୍କ ଯେବେ ଧରାପଡ଼ିବ, ସେତେବେଳେ ତା'ର ଭୁଲ ।

## ପିଲାମାନଙ୍କର ହିଁ ଭୁଲ ବାହାର କରନ୍ତି, ସମସ୍ତେ

ତୁମ ପାଠପଢ଼ା ଚାଲିଥିଲା, ସେତେବେଳେ ସେଥିରେ କିଛି ବାଧା ଆସିଥିଲା ?

**ପ୍ରଶ୍ନକର୍ତ୍ତା :** ବାଧାବିଘ୍ନ ତ ଆସିଥିଲା ।

**ଦାଦାଶ୍ରୀ :** ତାହା ତୁମର ହିଁ ଭୁଲ ଯୋଗୁଁ । ସେଥିରେ ଶିକ୍ଷକ ବା ଅନ୍ୟ କାହାର ଭୁଲ ନଥିଲା ।

**ପ୍ରଶ୍ନକର୍ତ୍ତା :** ଏ ବିଦ୍ୟାର୍ଥୀ ଶିକ୍ଷକଙ୍କୁ ଅସମ୍ମାନ କରନ୍ତି, ସେମାନେ କେବେ ସୁଧୁରିବେ ?

**ଦାଦାଶ୍ରୀ :** ଯିଏ ଭୁଲର ପରିଣାମ ଭୋଗେ, ଭୁଲ ତା'ର ଅଟେ । ଏ ଗୁରୁ ହିଁ ଏପରି ଜନ୍ମ ହୋଇଛନ୍ତି ସେଥିପାଇଁ ଶିଷ୍ୟ ଉଦଣ୍ଡ ହେଉଛନ୍ତି । ଏ ପିଲାମାନେ ତ

ହୁସିଆର ଅଟନ୍ତି କିନ୍ତୁ ଗୁରୁ ଏବଂ ମା-ବାପ ମୁର୍ଖ ଜନ୍ମ ହୋଇଛନ୍ତି । ଆଉ ବୁଢ଼ାମାନେ ନିଜର ପୁରୁଣା ଜିଦ୍ ଛାଡୁ ନାହାନ୍ତି ତେବେ ପୁଣି ପିଲାମାନେ ଉଦଣ୍ଡ ତ ହେବେ ନା ? ଏବେ ମା-ବାପଙ୍କର ଚାରିତ୍ର ଏପରି ନାହିଁ ଯେ ପିଲାମାନେ ଉଦଣ୍ଡ ନ ହେବେ । ଏ ତ ବଡ଼ମାନଙ୍କର ଚାରିତ୍ର କମ ହୋଇଯାଇଛି, ସେଥିପାଇଁ ପିଲାମାନେ ଉଦଣ୍ଡତା କରୁଛନ୍ତି ।

## ଭୁଲ ସାମ୍ନାରେ ଦାଦାଜୀଙ୍କ ଦୃଷ୍ଟି

'ଯିଏ ଭୋଗେ ତା'ର ଭୁଲ' ଏହି ସୂତ୍ର ମୋକ୍ଷରେ ନେଇଯିବ । କେହି ଯଦି ପଚାରେ ଯେ ମୁଁ ନିଜ ଭୁଲ କିପରି ଖୋଜିବି? ତେବେ ମୁଁ ତା'କୁ ଶିଖାଏ ଯେ ତୋତେ କେଉଁଠି କେଉଁଠି ଭୋଗିବାକୁ ପଡୁଛି ? ତାହା ତୋର ଭୁଲ । ତୋର କ'ଣ ଭୁଲ ହୋଇଥିବ ଯେ ଏପରି ଭୋଗିବାକୁ ପଡ଼ିଲା ? ଏହା ଖୋଜି ବାହାର କର । ଏ ତ ସାରାଦିନ ଭୋଗିବାକୁ ପଡୁଛି, ଏଣୁ ଖୋଜି ବାହାର କରିବା ଉଚିତ୍ ଯେ କ'ଣ କ'ଣ ଭୁଲ ହୋଇଛି !

ଭୋଗିବା ସହିତ ହିଁ ଖବର ପଡ଼ିଯାଏ ଯେ ଏହା ଆମର ଭୁଲ । ଯଦି ଆମ ଦ୍ୱାରା ଭୁଲ ହୋଇଥିବ ତେବେ ଆମକୁ ଟେନ୍‌ଶନ ହେବ ନା !

ମୋତେ ସାମ୍ନାବାଲାର ଭୁଲ କିଭଳି ବୁଝାପଡ଼େ ? ସାମ୍ନାବାଲାର ହୋମ୍(ଆତ୍ମା) ଏବଂ ଫରେନ୍(ଅନାତ୍ମା) ଅଲଗା ଦେଖାଯାଏ । ସାମ୍ନାବାଲାର ଫରେନ୍‌ରେ ଭୁଲ ହେବ, ଦୋଷ ହେବ ତେବେ ମୁଁ କିଛି କୁହେ ନାହିଁ, କିନ୍ତୁ ହୋମ୍‌ରେ କିଛି ହେଲା ତେବେ ମୋତେ ତା'କୁ ଗାଳି(ସତର୍କ) କରିବାକୁ ପଡ଼େ । ମୋକ୍ଷମାର୍ଗରେ କିଛି ବାଧା ନ ଆସିବା ଉଚିତ ।

ଭିତରେ ବହୁତ ବଡ଼ ବସ୍ତି ଅଛି, ସେମାନଙ୍କ ମଧ୍ୟରୁ କିଏ ଭୋଗୁଛି ତାହା ଜଣା ପଡ଼ିବା ଉଚିତ । କେତେବେଳେ ଅହଂକାର ଭୋଗେ, ତେବେ ତାହା ଅହଂକାରର ଭୁଲ । ଅନେକ ସମୟରେ ମନ ଭୋଗେ, ତେବେ ତାହା ମନର ଭୁଲ । କେବେ ଚିତ୍ତ ଭୋଗେ, ସେତେବେଳେ ଚିତ୍ତର ଭୁଲ । ଏ ତ ନିଜ ଭୁଲରୁ 'ନିଜେ' ଅଲଗା ରହିପାରିବ । କଥା ବୁଝିବାକୁ ତ ପଡ଼ିବ ନା ?

## ମୂଳ ଭୁଲ କେଉଁଠି ?

ଭୁଲ କାହାର ? ଯିଏ ଭୋଗେ ତା'ର ! କ'ଣ ଭୁଲ ? ତେବେ କୁହେ ଯେ 'ମୁଁ ଚନ୍ଦୁଭାଇ ଅଟେ' ଏହି ମାନ୍ୟତା ହିଁ ତୁମର ଭୁଲ । କାହିଁକିନା ଏହି ଜଗତରେ କେହି ଦୋଷୀ ନୁହଁନ୍ତି । ଏଣୁ କେହି ଅପରାଧୀ ମଧ୍ୟ ନୁହଁନ୍ତି, ଏପରି ସିଦ୍ଧ ହୁଏ ।

ଆଉ, ଏ ଦୁନିଆରେ କେହି କିଛି କରିପାରିବ ହିଁ ନାହିଁ । କିନ୍ତୁ ଯେଉଁ ହିସାବ ବାନ୍ଧି ହୋଇସାରିଛି, ତାହା ଛାଡ଼ିବ ନାହିଁ । ଯେଉଁ ଘୋଟାଲାବାଲା ହିସାବ ହୋଇ ସାରିଛି, ତାହା ଘୋଟାଲାବାଲା ଫଳ ନ ଦେଇ ରହିବ ନାହିଁ । କିନ୍ତୁ ଏବେ ନୂଆ ଘୋଟାଲା କର ନାହିଁ, ଏବେ ଅଟକି ଯାଅ । ଯେବେଠୁ ଏହା ମାଲୁମ ହେଲା, ସେବେଠାରୁ ଅଟକି ଯାଅ । ଯେଉଁ ପୁରୁଣା ଘୋଟାଲା ହୋଇସାରିଛି, ତାହା ତ ଆମକୁ ସୁଝିବାକୁ(ଭୋଗିବାକୁ) ପଡ଼ିବ, କିନ୍ତୁ ନୂଆ ନ ହେଉ, ଏତିକି ଦେଖିବ । ସମ୍ପୂର୍ଣ୍ଣ ଉତ୍ତରଦାୟିତ୍ୱ ଆମର ହିଁ ଅଟେ, ଭଗବାନଙ୍କର ନୁହେଁ । ଭଗବାନ ଏଥିରେ ହାତ ମାରନ୍ତି ନାହିଁ । ଏଣୁ ଭଗବାନ ମଧ୍ୟ ଏଥିରେ କ୍ଷମା କରିପାରିବେ ନାହିଁ । ଅନେକ ଭକ୍ତ ଏପରି ମାନନ୍ତି ଯେ, 'ମୁଁ ପାପ କରୁଛି ଏବଂ ଭଗବାନ କ୍ଷମା କରିଦେବେ ।' ଭଗବାନଙ୍କ ଠାରେ କ୍ଷମା ନଥାଏ । ଦୟାଳୁ ଲୋକଙ୍କ ପାଖରେ କ୍ଷମା ଥାଏ । ଦୟାଳୁ ମଣିଷକୁ ଯଦି କହିବା ଯେ 'ସାହେବ, ମୋର ଆପଣଙ୍କ ପ୍ରତି ବହୁତ ଭୁଲ ହୋଇ ଯାଇଛି ।' ତେବେ ସେ ତୁରନ୍ତ କ୍ଷମା କରିଦେବ ।

ଦୁଃଖ ଦେବାବାଲା ତ କେବଳ *ନିମିତ୍ତ* ଅଟେ, କିନ୍ତୁ ମୂଳ ଭୁଲ ନିଜର ହିଁ ଅଟେ । ଯିଏ ଫାଇଦା କରାଏ, ସେ ମଧ୍ୟ *ନିମିତ୍ତ* ଏବଂ ଯିଏ କ୍ଷତି କରାଏ, ସେ ମଧ୍ୟ *ନିମିତ୍ତ*, କିନ୍ତୁ ତାହା ନିଜର ହିଁ ହିସାବ ଅଟେ, ସେଥିପାଇଁ ଏପରି ହୁଏ ।

ମୁଁ ତୁମକୁ ସ୍ପଷ୍ଟ କହି ଦେଉଛି ଯେ ତୁମ 'ବାଉଣ୍ଡ୍ରୀ' ରେ କାହାକୁ ହାତ ମାରିବାର ଶକ୍ତି ନାହିଁ ଆଉ ଯଦି ତୁମର ଭୁଲ ଅଛି ତେବେ କେହି ବି ହାତ ମାରି ପାରେ । ଆରେ, ଲାଠି ମଧ୍ୟ ମାରିବ । 'ମୁଁ' ତ ଚିହ୍ନି ଗଲିଣି ଯେ କିଏ ମୁଥ ମାରୁଛି । ସବୁ ତୁମ ନିଜର ହିଁ ଅଟେ ! ତୁମ ବ୍ୟବହାର ଅନ୍ୟ କେହି ବିଗାଡ଼ି ନାହାନ୍ତି । ତୁମ ବ୍ୟବହାର ତୁମେ ହିଁ ବିଗାଡ଼ିଛ । ୟୁ ଆର୍ ହୋଲ୍ ଏଣ୍ଡ ସୋଲ୍ ରେସ୍ପନ୍ସିବଲ୍ ଫର୍ ୟୋର୍ ବ୍ୟବହାର ।

## ନ୍ୟାୟାଧୀଶ, 'କମ୍ପ୍ୟୁଟରେ' ସମାନ

ଯିଏ ଭୋଗେ ତା'ର ଭୁଲ, ଏହା 'ଗୁପ୍ତ ତତ୍ତ୍ୱ' କୁହାଯାଏ । ଏଠାରେ ବୁଦ୍ଧି ଥକି ଯାଏ । ଯେଉଁଠି ମତିଜ୍ଞାନ କାମ କରେ ନାହିଁ, ସେ କଥା 'ଜ୍ଞାନୀପୁରୁଷ'ଙ୍କ ପାଖରେ ସ୍ୱଷ୍ଟ ହୁଏ, ତାହା 'ଯେମିତି କୁ ସେମିତି(as it is)' ଥାଏ । ଏହି ଗୁପ୍ତ ତତ୍ତ୍ୱକୁ ବହୁତ ସୂକ୍ଷ୍ମ ଅର୍ଥରେ ବୁଝିବା ଉଚିତ । ଯଦି ଚେତନ ନ୍ୟାୟ କରିବାବାଲା ହୋଇଥାନ୍ତା ତେବେ ସେ ପକ୍ଷପାତ ମଧ୍ୟ କରିପାରେ କିନ୍ତୁ ଜଗତର ନ୍ୟାୟ କରିବାବାଲା ନିଶ୍ଚେତନ ଚେତନ ଅଟେ । ତାହାକୁ ଜଗତ ଭାଷାରେ ଯଦି ବୁଝିବ ତେବେ ତାହା କମ୍ପ୍ୟୁଟର ସଦୃଶ ଅଟେ । କମ୍ପ୍ୟୁଟରକୁ ପ୍ରଶ୍ନ ଦେଲେ, ତେବେ କମ୍ପ୍ୟୁଟରର ମଧ୍ୟ ଭୁଲ ହୋଇପାରେ, କିନ୍ତୁ ପ୍ରକୃତିର ନ୍ୟାୟରେ ଭୁଲ ହୁଏ ନାହିଁ । ଏ ଜଗତର ନ୍ୟାୟ କରିବାବାଲା ନିଶ୍ଚେତନ ଚେତନ ଅଟେ ଏବଂ ସେ 'ବୀତରାଗ' ଅଟେ । ଯଦି 'ଜ୍ଞାନୀପୁରୁଷ'ଙ୍କ ଗୋଟିଏ ଶବ୍ଦ ବୁଝିଯାଏ ଏବଂ ଗ୍ରହଣ କରିନିଏ ତେବେ ସେ ମୋକ୍ଷରେ ହିଁ ଯିବ । କାହାର ଶବ୍ଦ ? ଜ୍ଞାନୀପୁରୁଷଙ୍କର ! ଏହାଦ୍ୱାରା, କାହାକୁ କାହାରି ଉପଦେଶ ହିଁ ନେବାକୁ ପଡ଼ିବ ନାହିଁ ଯେ ଏଥିରେ ଭୁଲ କାହାର ? 'ଯିଏ ଭୋଗେ ତା'ର ଭୁଲ' ।

ଏହା ସାଇନ୍ସ ଅଟେ, ପୁରା ବିଜ୍ଞାନ ଅଟେ । ଏଥିରେ ଏକ ଅକ୍ଷର ମଧ୍ୟ ଭୁଲ ନାହିଁ । ଏହା ତ ବିଜ୍ଞାନ ଅର୍ଥାତ, କେବଳ ବିଜ୍ଞାନ ହିଁ ଅଟେ । ପୁରା ଓ୍ୱାର୍ଲ୍ଡ ପାଇଁ ଅଟେ । ଏହା କେବଳ ଇଣ୍ଡିଆ ପାଇଁ ହିଁ ଅଟେ, ଏପରି ନୁହେଁ । ଫରେନ୍‌ରେ ସମସ୍ତଙ୍କ ପାଇଁ ଅଟେ ଏହା !

ଯେଉଁଠି ଏପରି ସ୍ୱଷ୍ଟ, ନିର୍ମଳ ନ୍ୟାୟ ଆପଣଙ୍କୁ ଦେଖାଇ ଦେଉଛି, ସେଠାରେ ନ୍ୟାୟ-ଅନ୍ୟାୟର ଭାଗବାଣ୍ଟ କରିବା ପାଇଁ କେଉଁଠି ରୁହେ ? ଏହା ବହୁତ ଗହନ କଥା ଅଟେ । ସମସ୍ତ ଶାସ୍ତ୍ରର ସାର ବତାଉଛି । ଏ ତ 'ସେଠାକାର' ଜଜମେଣ୍ଟ(ନ୍ୟାୟ) କିପରି ଚାଲୁଅଛି, ତାହା ଏକ୍‌ଜାକ୍ଟ ବତାଉଛି ଯେ, 'ଯିଏ ଭୋଗେ ତା'ର ଭୁଲ' । ମୋ ପାଖରୁ 'ଯିଏ ଭୋଗେ ତା'ର ଭୁଲ', ଏହି ସୂତ୍ର ବିଲ୍‌କୁଲ ଏକ୍‌ଜାକ୍ଟ ବାହାରିଛି ! ଏହାକୁ ଯେ କେହି ବ୍ୟବହାର କରିବ, ତା'ର କଲ୍ୟାଣ ହୋଇଯିବ ! ! !

**ଜୟ ସଚ୍ଚିଦାନନ୍ଦ**

# ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ପ୍ରତ୍ୟକ୍ଷ ଲିଙ୍କ୍

"ମୁଁ ତ କିଛି ଲୋକଙ୍କୁ ନିଜ ହାତରେ ସିଦ୍ଧି ପ୍ରଦାନ କରିବି । ପରେ ଅନୁଗାମୀ ଦରକାର କି ନାହିଁ ? ପରେ ଲୋକଙ୍କୁ ମାର୍ଗ ତ ଦରକାର ନା ?"

**- ଦାଦାଶ୍ରୀ**

ପରମ ପୂଜ୍ୟ ଦାଦାଶ୍ରୀ ଗାଁ'-ଗାଁ', ଦେଶ-ବିଦେଶ ପରିଭ୍ରମଣ କରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି କରାଉଥିଲେ । ସେ ନିଜର ଜୀବନକାଳ ମଧ୍ୟରେ ପୂଜ୍ୟ ଡା. ନୀରୂବେନ ଅମୀନ(ନୀରୂମାଁ)ଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଇବାର ଜ୍ଞାନସିଦ୍ଧି ପ୍ରଦାନ କରିଥିଲେ । ଦାଦାଶ୍ରୀଙ୍କ ଦେହ ବିଲୟ ପରେ ନୀରୂମା ସେହିପରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି, ନିମିତ୍ତ ଭାବରେ କରାଉଥିଲେ । ପୂଜ୍ୟ ଦୀପକଭାଇ ଦେଶାଇଙ୍କୁ ଦାଦାଶ୍ରୀ ସତ୍‌ସଙ୍ଗ କରିବା ପାଇଁ ସିଦ୍ଧି ପ୍ରଦାନ କରିଥିଲେ । ନୀରୂମାଁଙ୍କ ଉପସ୍ଥିତିରେ ହିଁ ତାଙ୍କର ଆଶୀର୍ବାଦ ଦ୍ୱାରା ପୂଜ୍ୟ ଦୀପକଭାଇ ଦେଶ-ବିଦେଶରେ ଅନେକ ଜାଗାକୁ ଯାଇ ମୁମୁକ୍ଷୁମାନଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଉଥିଲେ, ଯାହା ନୀରୂମାଙ୍କ ଦେହବିଲୟ ପରେ ଆଜି ମଧ୍ୟ ଚାଲୁଅଛି । ଏହି ଆତ୍ମଜ୍ଞାନ ପ୍ରାପ୍ତି ପରେ ହଜାର ହଜାର ମୁମୁକ୍ଷୁ ସଂସାରରେ ରହି, ନିଜର ସାଂସାରିକ ଦାୟିତ୍ୱ ବହନ କରି ମଧ୍ୟ ମୁକ୍ତ ରହି ଆତ୍ମରମଣତାର ଅନୁଭବ କରୁଛନ୍ତି ।

ଗ୍ରନ୍ଥରେ ମୁଦ୍ରିତ ବାଣୀ ମୋକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ ପାଇଁ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେବ, କିନ୍ତୁ ମୋକ୍ଷପ୍ରାପ୍ତି ପାଇଁ ଆତ୍ମଜ୍ଞାନ ପ୍ରାପ୍ତ କରିବା ଆବଶ୍ୟକ ଅଟେ । ଅକ୍ରମ ମାର୍ଗ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତିର ମାର୍ଗ ଆଜି ମଧ୍ୟ ଖୋଲାଅଛି । ଯେପରି ପ୍ରଜ୍ୱଳିତ ଦୀପ ହିଁ ଅନ୍ୟ ଦୀପକୁ ପ୍ରଜ୍ୱଳିତ କରିପାରେ, ସେହିପରି ପ୍ରତ୍ୟକ୍ଷ ଆତ୍ମଜ୍ଞାନୀଙ୍କଠାରୁ ଆତ୍ମଜ୍ଞାନ ପ୍ରାପ୍ତ କରି ହିଁ ସ୍ୱୟଂର ଆତ୍ମା ଜାଗୃତ ହୋଇପାରେ ।

# दादा भगवान फाउन्डेशन के द्वारा प्रकाशित पुस्तकें

१. ज्ञानी पुरुष की पहचान
२. सर्व दु :खो से मुक्ति
३. कर्म का सिद्धांत
४. आत्मबोध
५. मैं कौन हूँ ?
६.वर्तमान तीर्थकंर श्री सीमंधर स्वामी
७.भुगते उसी की भूल
८. एडजस्ट एवरीव्हेयर
९. टकराव टालिए
१०. हुआ सो न्याय
११. चिंता
१२. क्रोध
१३. प्रतिक्रमण
१४. दादा भगवान कौन ?
१५. पैसों का व्यवहार
१६. अंत : करण का स्वरुप
१७. जगत कर्ता
१८. त्रिमंत्र
१९. भावना से सुधरे जन्मोंजन्म
२०. माता-पिता और बच्चों का व्यवहार
२१. प्रेम
२२. समझ से प्राप्त ब्रह्मचर्य
२३. दान
२४. मानव धर्म
२५. सेवा-परोपकार
२६. मृत्यु समय, पहले और पश्चात
२७. निजदोष दर्शन से...निर्दोष
२८. पति-पत्नि का दिव्य व्यवहार
२९. क्लेश रहित जीवन
३०. गुरु-शिष्य
३१. अहिंसा
३२. सत्य-असत्य के रहस्य
३३. चमत्कार
३४. पाप-पुण्य
३५. वाणी,व्यवहार में...
३६. कर्म का विज्ञान
३७. आप्तवाणी - १ से ९
३८.आप्तवाणी - १३(पूर्वार्ध-उत्तरार्ध)
३९. समझ से प्राप्त ब्रह्मचर्य (पूर्वार्ध-उत्तरार्ध)

- ଦାଦା ଭଗବାନ ଫାଉଣ୍ଡେଶନ ଦ୍ୱାରା ଗୁଜରାଟୀ ଭାଷାରେ ବି ଅନେକ ପୁସ୍ତକ ପ୍ରକାଶିତ ହୋଇଛି । ୱେବସାଇଟ୍ **www.dadabhagwan.org** ରେ ମଧ୍ୟ ଆପଣ ଏ ସମସ୍ତ ପୁସ୍ତକପ୍ରାପ୍ତ କରିପାରିବେ ।
- ଦାଦା ଭଗବାନ ଫାଉଣ୍ଡେଶନ ଦ୍ୱାରା ପ୍ରତ୍ୟେକ ମାସ ହିନ୍ଦୀ, ଗୁଜରାଟୀ ତଥା ଇଂରାଜୀ ଭାଷାରେ "ଦାଦାବାଣୀ" ମାଗାଜିନ୍ ପ୍ରକାଶିତ ହେଉଛି ।

**ଓଡ଼ିଆ ପୁସ୍ତକ :**

୧. ଆତ୍ମସାକ୍ଷାତ୍କାର
୨. ଘର୍ଷଣ ଟାଳନ୍ତୁ
୩. ମୁଁ କିଏ ?
୪. ଏଡ଼ଜଷ୍ଟ ଏଭ୍ରିହ୍ୱେୟାର
୫. ଚିନ୍ତା
୬. କ୍ରୋଧ
୭. ମାନବ ଧର୍ମ
୮. ଯାହା ହେଲା ତାହା ନ୍ୟାୟ
୯. ମୃତ୍ୟୁ ସମୟରେ, ପୂର୍ବରୁ ଏବଂ ପରେ
୧୦. ଯିଏ ଭୋଗେ ତା'ର ଭୁଲ
୧୧. ସେବା-ପରୋପକାର

## ପ୍ରାପ୍ତିସ୍ଥାନ

## ଦାଦା ଭଗବାନ ପରିବାର

**ଅଡ଼ାଲଜ** : ତ୍ରିମନ୍ଦିର, ସୀମନ୍ଧର ସିଟୀ, ଅହମଦାବାଦ-କଲୋଲ ହାଇୱେ, ପୋଷ୍ଟ-ଅଡ଼ାଲଜ, ଜିଲ୍ଲା-ଗାନ୍ଧୀନଗର, ଗୁଜରାଟ-୩୮୨୪୨୧, ଫୋନ-(୦୭୯)୩୯୮୩୦୧୦୦

**ରାଜକୋଟ** : ତ୍ରିମନ୍ଦିର, ଅହମଦାବାଦ-ରାଜକୋଟ ହାଇୱେ, ତରଘଡ଼ିୟା ଚୋକଡ଼ି(ସର୍କଲ), ପୋ-ମାଲିୟାସଣ, ଜିଲ୍ଲା-ରାଜକୋଟ, ଫୋନ-୯୨୭୪୧୧୧୩୯୩

**ଭୁଜ୍** : ତ୍ରିମନ୍ଦିର, ହିଲ୍ ଗାର୍ଡେନ ପଛ,ଏୟାରପୋର୍ଟ ରୋଡ଼, (୦୨୮୩୨) ୨୯୦୧୨୩

**ଗୋଧ୍ରା** : ତ୍ରିମନ୍ଦିର, ଭାମେୟା ଗାଁ, ଏଫ୍‌ସିଆଇ ଗୋଡାଉନ୍ ସାମନା, ଗୋଧ୍ରା । (ଜି-ପଞ୍ଚମହାଲ) ଫୋନ-(୦୨୬୭୨) ୨୬୨୩୦୦

**ମୋର୍‌ବୀ** : ତ୍ରିମନ୍ଦିର, ମୋରବୀ-ନବଲଖି ହାଇୱେ, ପୋ:ଜୟପୁର, ଜିଲ୍ଲା-ରାଜକୋଟ, ଫୋନ-(୦୨୮୨୨)୨୯୭୦୯୭

**ଅମ୍‌ରେଲୀ** : ତ୍ରିମନ୍ଦିର, ଲିଲିୟା ରୋଡ, ବାଇପାସ ଚୋକଡି, ଖାରାବାଡି, ୯୯୨୪୩୪୪୪୬୦

**ସୁରେନ୍ଦ୍ରନଗର** : ତ୍ରିମନ୍ଦିର, ସୁରେନ୍ଦ୍ରନଗର-ରାଜକୋଟ ହାଇୱେ, ଲୋକ ବିଦ୍ୟାଳୟ ପାଖ, ମୂଳି ରୋଡ, ୯୮୭୯୨୩୨୮୭୭

**ଅହମଦାବାଦ** : ଦାଦା ଦର୍ଶନ, ୫, ମମତାପାର୍କ ସୋସାଇଟୀ, ନବ ଗୁଜରାଟ କଲେଜ ପଛ, ଉସ୍ମାନପୁରା, ଅହମଦାବାଦ-୩୮୦୦୧୪, ଫୋନ-(୦୭୯)୨୭୫୪୦୪୦୮

**ବଡ଼ୋଦରା** : ଦାଦା ମନ୍ଦିର, ୧୭, ମାମା କି ପୋଲ-ମୁହଲ୍ଲା, ରାବପୁରା ପୋଲିସ ଷ୍ଟେସନ ପାଖ, ସଲାଟ ୱାଡ଼ା, ବଡ଼ୋଦରା, ୯୯୨୪୩୪୩୩୩୫

**ମୁମ୍ବାଇ:**୯୩୨୩୫୨୮୯୦୧, **ବାଙ୍ଗାଲୋର:**୯୫୯୦୯୭୯୦୯୯, **କୋଲକତା:**୦୩୩-୩୨୯୩୩୮୮୫, **ଜଲନ୍ଧର:**୯୮୧୪୦୬୩୦୪୩, **ଜୟପୁର:**୯୩୫୧୪୦୮୨୮୫, **ହାଇଦ୍ରାବାଦ:**୯୯୮୯୮୭୭୭୮୬, **ଇନ୍ଦୋର:**୯୮୯୩୫୪୫୩୫୧, **ଅମରାବତୀ:**୯୪୨୨୯୧୫୦୬୪, **ରାୟପୁର:**୯୩୨୯୫୨୩୭୩୭, **ଭିଲାଈ:**୯୮୨୭୪୮୧୩୩୬, **ଦିଲ୍ଲୀ:**୯୮୧୦୦୯୮୫୬୪, **ଭୋପାଲ୍:**୯୪୨୫୦୨୪୪୦୫, **ଚେନ୍ନାଇ:**୯୩୮୦୧୫୯୯୫୭ **ଓଡିଶା:**୮୭୬୩୦୭୩୧୧୧

**www.dadabhagwan.org**

**Email : info@dadabhagwan.org**



## ଯିଏ ଭୋଗେ ତା'ର ଭୁଲ

ଯଦି ପକେଟମାର ହୋଇଯାଏ ତେବେ ସେଥିରେ ଭୁଲ କାହାର? ଏ ଭାଇର ପକେଟମାର ହେଲା ନାହିଁ ଆଉ ତୁମର ହିଁ କାହିଁକି ହେଲା? ତୁମ ଦୁହିଁଙ୍କ ମଧ୍ୟରୁ ଏବେ କିଏ ଭୋଗୁଛି? 'ଯିଏ ଭୋଗେ ତା'ର ଭୁଲ!'

'ଯିଏ ଭୋଗେ ତା'ର ଭୁଲ' ଏହି ସୂତ୍ର ମୋକ୍ଷରେ ନେଇଯିବ। ଯଦି କେହି ପଚାରେ ଯେ ମୁଁ ନିଜ ଭୁଲ କିପରି ଖୋଜିବି? ତେବେ ମୁଁ ତାକୁ ଶିଖାଏ ଯେ ତୋତେ କେଉଁଠି-କେଉଁଠି ଭୋଗିବାକୁ ପଡୁଛି? ତାହା ତୋର ଭୁଲ। ତୋର କ'ଣ ଭୁଲ ହୋଇଥିବ ଯେ ଏପରି ଭୋଗିବାକୁ ପଡ଼ିଲା? ଏହା ଖୋଜି ବାହାର କର। ଏ ତ ସାରାଦିନ ଭୋଗିବାକୁ ପଡୁଛି, ଏଣୁ ଖୋଜିବା ଉଚିତ୍ ଯେ କଣ-କଣ ଭୁଲ ହୋଇଛି!

ଏହା ତ ଆମେ ନିଜର ହିଁ ଭୁଲ ଦ୍ୱାରା ବନ୍ଧା ହୋଇଛେ। ଲୋକମାନେ ଆସି ବାନ୍ଧି ନାହାନ୍ତି। ସେ ଭୁଲ୍ ଶେଷ ହୋଇଯିବ ତେବେ ପୁଣି ମୁକ୍ତ।

-ଦାଦାଶ୍ରୀ

dadabhagwan.org

9 789387 551299

Printed in India

Price ₹ 15